# ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ

**● ୮ ମାସ ପରେ ନିଖୋଜ ନାବାଳିକାକୁ ଗୁଜରାଟରୁ ଉଦ୍ଧାର କଲା ପୁଲିସ**

**● ଗୁଜରାଟରୁ ଅଭିଯୁକ୍ତ ଅଟୋ ଚାଳକ ଗିରଫ**



ବ୍ରହ୍ମପୁର, ୨୦।୮ (ସମିସ)

ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାଙ୍କ ସହ ପ୍ରଥମେ ବନ୍ଧୁତା ଓ ପରେ ଦୁଷ୍କର୍ମ ଅଭିଯୋଗରେ ଟାଉନ୍ ଥାନା ପୁଲିସ ଅଭିଯୁକ୍ତକୁ ଗୁଜରାଟରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଉତ୍ତରପ୍ରଦେଶ ଜୌନପୁର ଜିଲ୍ଲା ପାଟଖୌଲି ଗ୍ରାମର କର୍ମରାଜ ଦୁବେ ଓରଫ ସୁବଲକ (୨୬)। କର୍ମରାଜ ଗୁଜୁରାଟର ସୁରଟ ସହର ପାଣ୍ଡେସରା ପୁଲିସ ଥାନା ଅଧିନ ଅମ୍ବିକାନଗର ସୋସାଇଟିରେ ରହୁଥିଲେ। ପୁଲିସ ଅଭିଯୁକ୍ତର ମୋବାଇଲ ଜବତ କରିଛି।

ସୂଚନାଯୋଗ୍ୟ ଯେ, ୨୦୨୪ ନଭେମ୍ବର ୨୯ରେ ବଡ଼ବଜାର ଥାନା ଅଞ୍ଚଳର ଜନୈକା ୧୭ ବର୍ଷର ନାବାଳିକା ଟାଉନ୍ ଥାନା ଅଞ୍ଚଳର ଏକ କୋଚିଂ ସେଣ୍ଟରରୁ ଯାଇ ଆଉ ଘରକୁ ଫେରିନଥିଲେ। ଏନେଇ ଟାଉନ୍ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ନାବାଳିକାର ପତ୍ତା ପାଇନଥିଲା। ପରେ ପରିବାର ଲୋକେ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏସ୍ଆଇ ଟୁକୁନା ସ୍ୱାଇଁ ଓ ଅନ୍ୟ ପୁଲିସ କର୍ମଚାରୀଙ୍କୁ ନେଇ ଏକ ଟିମ୍ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ନାବାଳିକା ଜଣକ ଭୁବନେଶ୍ୱରରୁ ଗୁଜୁରାଟ ଯାଇଥିବା ଜଣାପଡ଼ିଥିଲା। କିଛିଦିନ ପୂର୍ବେ ନାବାଳିକା ଜଣକ ନିଜ ପରିବାର ଲୋକଙ୍କୁ ଫୋନ କରି କଥା ହୋଇଥିଲେ ମଧ୍ୟ ଠିକଣା କହିପାରିନଥିଲା। ଏନେଇ ପରିବାର ଲୋକେ ଟାଉନ ଥାନାକୁ ଜଣାଇବା ପରେ ଉକ୍ତ ନମ୍ବରର ଲୋକେସନ୍ ଟ୍ରାକ୍ କରି ଗୁଜୁରାଟ ଯାଇ ନାବାଳିକାକୁ ଉଦ୍ଧାର କରି ସେଠାରେ ବୟାନ ରେକର୍ଡ କରିଥିଲା ପୁଲିସ। ବୟାନ ରେକର୍ଡ ବେଳେ ନାବାଳିକା ଜଣକ ଘର ଲୋକଙ୍କ ସହ ଝଗଡ଼ା କରି ଭୁବନେଶ୍ୱର ଓ ପରେ ଗୁଜୁରାଟ ପଳାଇଥିଲେ। ସେଠାରେ ସୁରଟ ରେଳ ଷ୍ଟେସନରେ କର୍ମରାଜଙ୍କୁ ଭେଟିଥିଲେ। ଚାକିରି ସନ୍ଧାନରେ ରହିଥିବା ଜାଣି ଅଟୋ ଚାଳକ କର୍ମରାଜ ତାଙ୍କୁ ଚାକିରି କରାଇଦେବା ପ୍ରଲୋଭନ ଦେଖାଇ ନିଜ ଘରକୁ ନେଇଥିଲା। କିଛିଦିନର ବନ୍ଧୁତା ପରେ ନିୟମିତ ଶାରୀରିକ ସମ୍ପର୍କ ରଖିଥିଲା। ଏପରିକି ଅଟୋ ଚାଳକ ଜଣକ ନାବାଳିକାକୁ ବିବାହ କରି ରହୁଥିଲେ। ଅଭିଯୁକ୍ତ ପୂର୍ବରୁ ବିବାହିତ ହୋଇଥିବା ବେଳେ ତାଙ୍କର ପିଲାଛୁଆ ଓ ସ୍ତ୍ରୀ ଯୁପିରେ ରହୁଥିଲେ। ଗୁଜୁରାଟରେ ନାବାଳିକାକୁ ବାରମ୍ବାର ଦୁଷ୍କର୍ମ କରିଥିବା ନେଇ ପୁଲିସକୁ ପୀଡ଼ିତା ଦେଇଥିବା ବୟାନ ଆଧାରରେ ଗତ ୧୭ ତାରିଖରେ ସେଠାରେ ଅଭିଯୁକ୍ତକୁ ଗିରଫ କରି ସ୍ଥାନୀୟ କୋର୍ଟରେ ହାଜର କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ବ୍ରହ୍ମପୁର ଆଣିଛି ଟାଉନ୍ ଥାନା ପୁଲିସ। ଏପରିକି ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ସେଠାକାର ମେଡ଼ିକାଲରେ କରାଇଥିଲା। ଟ୍ରାଞ୍ଜିଟ ରିମାଣ୍ଡରେ ପୁଲିସ ବ୍ରହ୍ମପୁର ଆଣି କୋର୍ଟରେ ହାଜର କରିଥିଲା।

## ପୋଖରୀରେ ବୁଡ଼ି ଯୁବକ ମୃତ

ପୋଲସରା, ୨୦।୮ (ସମିସ): ପୋଲସରା ଥାନା ଅନ୍ତର୍ଗତ ନିମିନା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିମିନା ବଡ଼ସାହି ଚିତ୍ରସେନା ବିଷୋୟୀଙ୍କ ପୁଅ ବବୁଲ ବିଷୋୟୀ (୨୧)। ବବୁଲ ବୁଧବାର ସକାଳୁ ଗାଧୋଇବାକୁ ନିକଟସ୍ଥ ଗାଁ ବଡ଼ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ପୋଖରୀରେ ବର୍ଷା ପାଣି ଭରପୁର ଥିବାରୁ ଗୋଡ଼ ଖସି ଯିବାରୁ ବୁଡ଼ି ଯାଇଥିଲେ। ପାଟିଶୁଣି ନିକଟରେ କାମ କରୁଥିବା କିଛି ଲୋକ ତାଙ୍କୁ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ନିଜର ଏକମାତ୍ର ପୁଅକୁ ହରାଇବା ପରେ ବବୁଲର ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି।

## ସାପ କାମୁଡ଼ାରେ ଯୁବତୀ ମୃତ

ସାନଖେମୁଣ୍ଡି, ୨୦।୮ (ସମିସ): ପାଟପୁର ଥାନା ଟି.ଗୋବିନ୍ଦପୁର ପଞ୍ଚାୟତ ବୁରେଇପାହାଡ଼ ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁରେଇପାହାଡ଼ ଗ୍ରାମର କ୍ରିଷ୍ଣା ବଡ଼ରଇତ(୨୩)। ବୁଧବାର ଭୋରରୁ କ୍ରିଷ୍ଣା ଘରେ ଶୋଇଥିବା ବେଳେ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଡାକ୍ତରଖାନାକୁ ପଠାଇଛି।

## ମଦ ଜବତ; ଜଣେ ଗିରଫ

ରମ୍ଭା, ୨୦।୮ (ସମିସ): ସ୍ଥାନୀୟ ପୁଲିସ ପକ୍ଷରୁ ପ୍ରତାପପୁର ଗ୍ରାମରୁ ୧୨୫ ଲିଟର ଆଇଡି ମଦ ଠାବ ସହ ଅଟୋ (ନଂ.ଓଡି ୦୭-ଜେ ୭୬୭୨) ଜବତ କରାଯାଇଛି। ରମ୍ଭା ଆଇଆଇସି କୁମର ମୁଦୁଲିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ କର୍ମଚାରୀ ସଦଳବଳେ ପ୍ରତାପପୁର ଗ୍ରାମରେ ଚଢ଼ଉ କରି ମଦ ଜବତ କରିବା ସହ ଅଭିଯୁକ୍ତ ବିକ୍ରମ ସ୍ୱାଇଁଙ୍କୁ ଗିରଫ କରିଥିଲେ। ଏନେଇ ରମ୍ଭା ଥାନାରେ ମାମଲା ରୁଜୁ ହୋଇଛି।

## ପୁଲିସ ଅଧିକାରୀଙ୍କ ପୁଅ ଓ ସାଙ୍ଗକୁ ଆକ୍ରମଣ

ବ୍ରହ୍ମପୁର, ୨୦।୮ (ସମିସ): ଲାଞ୍ଜିପଲ୍ଲୀ ବାଇପାସ୍ ନିକଟସ୍ଥ ଚା' ଦୋକାନ ନିକଟରେ ଅପେକ୍ଷା କରିଥିବା ଦୁଇ ଯୁବକଙ୍କୁ ପଥରରେ ଆକ୍ରମଣ ସହ ମାଡ଼ମାରି ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି ଦୁର୍ବୃତ୍ତ। କାର୍‌ରେ ୪ରୁ ୫ଜଣ ଦୁର୍ବୃତ୍ତ ଆସି ସର୍ବସମ୍ମୁଖରେ ପୁଲିସ ଏସ୍ଆଇଙ୍କ ପୁଅ ପ୍ରୀତମଚାନ୍ଦ ତ୍ରିପାଠୀ ଓ ତାଙ୍କ ବନ୍ଧୁ ଉତ୍ତମ ମହାନ୍ତିଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଉଭୟ ଆହତ ଚିକିତ୍ସା ପାଇଁ ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣକାରୀମାନେ ଶ୍ରୀରାମ ନଗର ଅଞ୍ଚଳର ବୋଲି ଆହତମାନେ କହିଛନ୍ତି। ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

## ବିଧାୟକଙ୍କ ହସ୍ତକ୍ଷେପ ପରେ ଉଠିଲା ଆବର୍ଜନା

ବେଲଗୁଣ୍ଠା, ୨୦।୮ (ସମିସ): ବିଧାୟକଙ୍କ ହସ୍ତକ୍ଷେପ ପରେ ବିଗିଡ଼ି ଯାଇଥିବା ବେଲଗୁଣ୍ଠା ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆସିଛି। ବର୍ତ୍ତମାନ ଚାଷ ବାସ ସମୟ ଥିବାରୁ ବେଲଗୁଣ୍ଠା ଧନିଜାପଲ୍ଲୀରେ ଥିବା ଏନ୍ଏସିର ଆବର୍ଜନା କୁଣ୍ଡ ନିକଟକୁ ଗାଡ଼ି ଯାଇପାରି ନଥିଲା। ଫଳରେ ଗତ ଜୁଲାଇ ୨୯ରୁ ଅଗଷ୍ଟ ୧୬ ପର୍ଯ୍ୟନ୍ତ ସହରରୁ ଆବର୍ଜନା ଉଠା କାର୍ଯ୍ୟ ବନ୍ଦ ରହିଥିଲା। ଫଳରେ ସହରରେ ସୃଷ୍ଟି ହୋଇଥିଲା ଦୁର୍ଗନ୍ଧମୟ ପରିସ୍ଥିତି। ଚାରିଆଡେ ଜମା ହୋଇଥିଲା କୁଢ଼ କୁଢ଼ ଆବର୍ଜନା। ବର୍ଷା ହେବାପରେ ସ୍ଥିତି ଅଧିକ ବେହାଲ ହୋଇଥିଲା। ଏନେଇ ସ୍ଥାନୀୟ ସାଂସଦ ପ୍ରତିନିଧି ନାରାୟଣ ସାହୁ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଶ୍ରୀ ବିଷୋୟୀଙ୍କ ହସ୍ତକ୍ଷେପ ପରେ ସ୍ୱାଭାବିକ ହୋଇଥିଲା ଅଳିଆ ଉଠାଣ ପ୍ରକ୍ରିୟା।

## ସାପ କାମୁଡ଼ାରେ ଚାଷୀ ମୃତ

ଗଞ୍ଜାମ, ୨୦।୮ (ସମିସ): ଗଞ୍ଜାମ ବ୍ଲକ ରମ୍ଭା ଥାନା ଅନ୍ତର୍ଗତ ସିପକୁଦା ଗ୍ରାମର ଜନୈକ ଚାଷୀ ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ମୁକୁନ୍ଦ ଦଳେଇ (୫୯)। ୧୮ ତାରିଖରେ ଚାଷୀ ଜଣଙ୍କ ନିଜ ଚାଷ ଜମିକୁ ଯାଇଥିବା ବେଳେ କୌଣସି ବିଷଧର ତାଙ୍କୁ କାମୁଡି ଦେଇଥିଲା। ଘରକୁ ଫେରିବା ପରେ ତାଙ୍କ ମୁଣ୍ଡ ବୁଲାଇଥିଲା। ତାଙ୍କୁ ପରିବାର ଲୋକେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଚେନ୍ନାଇରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

ଖଲ୍ଲିକୋଟ, ୨୦।୮ (ସମିସ): ଚେନ୍ନାଇରେ ବସ୍ ଧକ୍କାରେ ଗତ ରବିବାର ଚଣ୍ଡୀପୀଠ ଗ୍ରାମର ଓଡ଼ିଆ ଶ୍ରମିକ ନିଳାଞ୍ଚଳ ପଲେଇଙ୍କ ମୃତ୍ୟୁ ଘଟିଥିଲା। ତିନିଦିନ ପରେ ବୁଧବାର ତାଙ୍କ ମରଶରୀର ଚଣ୍ଡୀପୀଠ ଗ୍ରାମରେ ପହଞ୍ଚିଛି। ଏନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ନୀଳାଞ୍ଚଳ ପଲେଇ (୫୦) ପରିବାର ପ୍ରତିପୋଷଣ ପାଇଁ ଗତ ୩ ମାସ ତଳେ ଚେନ୍ନାଇ ଯାଇଥିଲେ। ଚେନ୍ନାଇର କଲାମ୍ବକମ ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ତେବେ ଗତ ୧୭ ତାରିଖ ରବିବାର ସଂଧ୍ୟାରେ କମ୍ପାନୀରୁ କାମ ସାରି ଫେରୁଥିବା ବେଳେ ଏକ ବସ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଉଦ୍ଧାର କରି ନିକଟସ୍ଥ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ନୀଳାଞ୍ଚଳଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ପଟ୍ଟା ପ୍ରଦାନ ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ

ଆସିକା, ୨୦।୮ (ସମିସ): ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ଆସିକା ସହରର ପାଞ୍ଚୋଟି ମୌଜା ପାଇଁ ପଟ୍ଟା ପ୍ରଦାନ ପାଇଁ ବିଧାନସଭାରେ ପ୍ରଶ୍ନ କରିଥିଲେ। ସରକାର ବଦଳିବା ପରେ ଆସିକା ସହରବାସୀ ବର୍ତ୍ତମାନର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ସରୋଜ ପାଢ଼ୀ ଏନେଇ ପୁଣି ବିଧାନସଭାରେ ପୂର୍ବ ବିଧାୟିକାଙ୍କ ପ୍ରଶ୍ନକୁ ଦୋହରାଇ ଥିଲେ। କିନ୍ତୁ ବୁଧବାର ଦିନ ବିଧାୟକ ସରୋଜ ପାଢ଼ୀଙ୍କ ୱାର୍ଡରେ ଭଞ୍ଜନଗର ଉପଜିଲ୍ଲାପାଳଙ୍କ ଉପସ୍ଥିତରେ ଆରମ୍ଭ ହେଲା ଚିହ୍ନଟ ପ୍ରକ୍ରିୟା। ସୂଚନା ଥାଉକି ଆସିକା ପୌରାଞ୍ଚଳ ପାଞ୍ଚଟି ମୌଜାରେ ରାଜସ୍ୱ ବିଭାଗ ପକ୍ଷରୁ ଭୂ-ବନ୍ଦୋବସ୍ତ କରି ଅଧିବାସୀଙ୍କ ଘରବାରି ପଟ୍ଟା ଯୋଗାଇବା ନେଇ ପ୍ରାଥମିକ ପ୍ରକ୍ରିୟାର ବୁଧବାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ତହସିଲଦାର ସଙ୍ଗୀତା ସେନ, ଶିକ୍ଷା ନିବେଶ ରାଜ୍ୟ ପ୍ରଶାସନିକ ଅଧିକାରୀ ରଚିତା ମହାପାତ୍ର, ଅତିରିକ୍ତ ତହସିଲଦାର ଅମରେଶ ସାବତ ପ୍ରମୁଖଙ୍କ ଉପସ୍ଥିତିରେ ଆସିକା ଖମ୍ବେଶ୍ୱରୀ ପାଟଣା ରାଜସ୍ୱ ମୌଜା ତଥା ଏନଏସିର ୱାର୍ଡ ନଂ -୪ରେ ବାସଗୃହ ମାପଚୁପ ଆରମ୍ଭ କରିଥିଲେ। ରାଜସ୍ୱ ନିରୀକ୍ଷକ ଓ ଅନ୍ୟ ସହ ଯୋଗୀ ମାନେ ଘରକୁ ଘର ବୁଲି ମାପ କରିବା ପରେ ଅଧିବାସୀଙ୍କୁ ପ୍ରମାଣପତ୍ର ପଟ୍ଟା ପ୍ରଦାନ କରାଯିବ ବୋଲି ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା କହିଛନ୍ତି।

**● ଜାଲ୍ କାଗଜପତ୍ରରେ ମହିଳାଙ୍କ ଜମି ହଡ଼ପ ଘଟଣା**

## ଏକାଧିକ ସମ୍ପୃକ୍ତ; ସନ୍ଦେହରେ ବ୍ୟାଙ୍କ କର୍ମଚାରୀ

ବ୍ରହ୍ମପୁର, ୨୦।୮ (ସମିସ): ଜାଲ କାଗଜପତ୍ରରେ ଜଣେ ମହିଳାଙ୍କ ଜମି ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଠକେଇ ନଜରକୁ ଆସିବା ପରେ ଅଭିଯୁକ୍ତମାନେ ମହିଳାଙ୍କ ନାଁରେ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲି ସେଥିରେ ୪୦ଲକ୍ଷ ଟଙ୍କା ଜମା କରିବା ସହ ପରବର୍ତ୍ତୀ ସମୟରେ ଉକ୍ତ ଟଙ୍କାକୁ ଉଠାଇ ନେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଏନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି।

ସୂଚନା ପ୍ରକାରେ, ରମ୍ଭା ଥାନା ଅନ୍ତର୍ଗତ ବୁରୁଡିର ଜୁତି ନାହାକଙ୍କ ନାମରେ ଏକ ଜମି ରହିଥିଲା। ଜୁତିଙ୍କ ସହ ପୂର୍ବରୁ ପରିଚୟ ଥିବା କିଛି ବ୍ୟକ୍ତି ଓ ଜଣେ ମହିଳା ଏକ କୁକୁଡା ଫାର୍ମ ପାଇଁ ଋଣ କରିବା ସକାଶେ ତାଙ୍କ ଜମିକୁ ବନ୍ଧକ ରଖିବାକୁ ଅନୁରୋଧ କରିଥିଲେ। ସେହିକ୍ରମେ ତାଙ୍କୁ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟକୁ ଡାକି ନେଇଥିଲେ। ସେଠାରେ ଋଣ ପାଇଁ ବନ୍ଧକ ରଖିବାକୁ ଏକ ଏଗ୍ରିମେଣ୍ଟ କରାଇବା ଆଳରେ ଏକାଧିକ ଦସ୍ତଖତ ନେଇଥିଲେ। ତେବେ ଏଗ୍ରିମେଣ୍ଟ ବଦଳରେ ଅଭିଯୁକ୍ତମାନେ ଜୁତି ନାହାକଙ୍କ ୩ ଭରଣ ଜମି ଜଣେ ପରିଚିତ ମହିଳାଙ୍କ ନାଁରେ କରାଇ ଦେଇଥିଲେ। ଏପରିକି ଉକ୍ତ ଜମି ବିକ୍ରି ବାବଦକୁ ଜୁତି ନାହାକ ୪୦ଲକ୍ଷ ଟଙ୍କା ନେଇଛନ୍ତି ବୋଲି ମଧ୍ୟ ଏଗ୍ରିମେଣ୍ଟ କରି ନେଇଥିଲେ। କିଛିମାସ ପରେ ଜୁତି ଏହି ଠକେଇ ବିଷୟରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଅଭିଯୁକ୍ତମାନେ ତୁରନ୍ତ ଜୁତି ନାହାକଙ୍କ ନାମରେ ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ ରୋଡରେ ଥିବା ବ୍ୟାଙ୍କରେ ଏକ ଆକାଉଣ୍ଟ ଖୋଲି ଦେଇଥିଲେ। ଜୁତି ନାହାକଙ୍କ ଆଧାର କାର୍ଡ ବ୍ୟବହାର କରି ତାଙ୍କ ଅଜାଣତରେ ଆକାଉଣ୍ଟ ଖୋଲାଯିବା ସହ ସେଥିରେ ୪୦ଲକ୍ଷ ଟଙ୍କା ଜମା କରିଥିଲେ। ପରବର୍ତ୍ତୀ ସମୟରେ ସେଥିରୁ ୨୦ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ଅବଶିଷ୍ଟ ୨୦ଲକ୍ଷ ଟଙ୍କା ଜୁତି ନାହାକଙ୍କ ପରିଚାରିକାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରି ଦେଇଥିଲେ। ଏଭଳି ଭାବେ ଅଭିଯୁକ୍ତମାନେ ଜୁତି ନାହାକଙ୍କୁ ଜମି ବିକ୍ରି ବାବଦ ଟଙ୍କା ଦେଇଥିବା ପ୍ରମାଣିତ କରିବାକୁ ଚାହିଁଥିଲେ। ତେବେ ଜୁତି ନାହାକଙ୍କ ଅଜାଣତରେ ତାଙ୍କ ଅନୁପସ୍ଥିତିରେ ବ୍ୟାଙ୍କ କର୍ମଚାରୀମାନେ କିଭଳି ତାଙ୍କ ନାଁରେ ଆକାଉଣ୍ଟ ଖୋଲିବା ସହ ସେଥିରେ ଲକ୍ଷ ଲକ୍ଷ ଟଙ୍କା ନେଣଦେଣ କରିବାରେ ସହଯୋଗ କରିଥିଲେ ତାକୁ ନେଇ ଜୁତି ପ୍ରଶ୍ନ ଉଠାଇଛନ୍ତି। ତେଣୁ ଏହି ଠକେଇ ପଛରେ ବ୍ୟାଙ୍କ କର୍ମଚାରୀଙ୍କର ମଧ୍ୟ ସମ୍ପୃକ୍ତି ରହିଥିବା ଜୁତି ଅଭିଯୋଗ କରିଛନ୍ତି। ପୁଲିସ ଠାରୁ ନ୍ୟାୟ ନମିଳିବା ପରେ ଉପରୋକ୍ତ ସମସ୍ତ ବିଷୟକୁ ନେଇ ଜୁତି କୋର୍ଟରେ ୱାନ ସିସି ମାମଲା ରୁଜୁ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବୈଦ୍ୟନାଥପୁର ଥାନାରେ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ରାସ୍ତା ମଝିରେ ଅଟକିଲା ମୁଖ୍ୟମନ୍ତ୍ରୀ ବସ୍

**● ଗାଡ଼ି ଚଳାଚଳ ବାଧା ପ୍ରାପ୍ତ**



ସାନଖେମୁଣ୍ଡି, ୨୦।୮ (ସମିସ): ଅପହଞ୍ଚ, ଉପାନ୍ତ ଓ ଦୁର୍ଗମ ଅଞ୍ଚଳ ସହ ଗାଁ ଗାଁରେ ଲୋକଙ୍କୁ ଯାତାୟତର ସୁବିଧା ଦେବାକୁ ପୂର୍ବତନ ରାଜ୍ୟ ସରକାର ଆରମ୍ଭ କରିଥିଲେ ଲକ୍ଷ୍ମୀ ବସ୍। ସରକାର ପରିବର୍ତ୍ତନ ହେବା ପରେ କିଛି ବସ୍‌ର ନାମ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ବସ୍ ସେବା କରାଯାଇଥିଲା। ବର୍ତ୍ତମାନ ଓଡ଼ିଶା ରେ କେଉଁଠି ଏହିବସ ସେବା ବନ୍ଦ ହୋଇଗଲାଣି ତ ଅନ୍ୟ କେଉଁଠି ବସ୍ ଖରାପ ହୋଇ ପଡ଼ି ରହିଛି। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ପାଟପୁର, ରାଧଦେଈପୁର, ଏରେଡ୍ରା, ଖଲିଙ୍ଗି, ଆଡପଡ଼ା, କଙ୍କୋରଡ଼ା, କରାଖଣ୍ଡି ଗ୍ରାମ ଦେଇ ମୁଖ୍ୟମନ୍ତ୍ରୀ ବସ୍ ଯିବା ଆସିବା କରେ। ବୁଧବାର ରାଧାଦେଈପୁର ପଞ୍ଚାୟତ ଉସ୍ଥାଜଗନ୍ନାଥପୁର ଗ୍ରାମ ବ୍ରିଜ ରାସ୍ତା ଉପରେ ହଠାତ୍ ମୁଖ୍ୟମନ୍ତ୍ରୀ ସବ୍‌ଟି ଖରାପ ହୋଇଯାଇଥିଲା। ଗାଡ଼ିଟି ରାସ୍ତା ମଝିରେ ରହିଯିବାରୁ ଉକ୍ତ ରାସ୍ତା ଦେଇ କୌଣସି ଗାଡ଼ି ଚଳାଚଳ ହୋଇପାରୁନାହିଁ।

## 'ଲ୍ୟାଣ୍ଡ ବ୍ୟାଙ୍କ' ପାଇଁ ୮ ଜିଲ୍ଲାପାଳଙ୍କୁ ଆର୍‌ଡିସିଙ୍କ ଚିଠି

ବ୍ରହ୍ମପୁର, ୨୦।୮ (ସମିସ): ଦକ୍ଷିଣଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜବରଦଖଲ ହୋଇଥିବା ତଥା ବ୍ୟବହାର ନହୋଇ ପଡ଼ି ରହିଥିବା ଜମି ଗୁଡ଼ିକୁ ଚିହ୍ନ କରାଯିବ। ଏନେଇ ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନାଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ ବୁଧବାର ସମସ୍ତ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଚିଠି ସଂଖ୍ୟା- ୧୨୭୨ ଜରିଆରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିଜ ଜିଲ୍ଲାରେ ଥିବା ସରକାରୀ ଜମିକୁ ଚିହ୍ନଟ କରିବା ସହ ଏଭଳି ତଥ୍ୟ ନେଇ ଏକ 'ଲ୍ୟାଣ୍ଡ ବ୍ୟାଙ୍କ' ପ୍ରସ୍ତୁତ କରିବାକୁ କୁହାଯାଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧିନସ୍ଥ ଉପରୋକ୍ତ ଜିଲ୍ଲାର ତହସିଲ ଅଧିନରେ କେଉଁ ସ୍ଥାନରେ କେତେ ଜମି ରହିଛି ତାହା ଚିହ୍ନଟ କରିବା ସହ ଉକ୍ତ ଜମିର ଆୟତନ କେତେ ଏବଂ କେଉଁ କିସମର ତାହା ଚିହ୍ନଟ କରିବାକୁ କୁହାଯାଇଛି। ଏଭଳି ଭାବେ ନିଜ ନିଜ ଜିଲ୍ଲାରେ ଥିବା ସରକାରୀ ଜମିକୁ ଚିହ୍ନଟ କରି ଏହାର ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ଜିଲ୍ଲାବାସୀଙ୍କୁ କ୍ଷତିପୂରଣ ପ୍ରଦାନ ଓ ବନୀକରଣ ପାଇଁ 'ଲ୍ୟାଣ୍ଡ ବ୍ୟାଙ୍କ' ସହଯୋଗ ହେବ ବୋଲି ଜଣାପଡ଼ିଛି। 'ଲ୍ୟାଣ୍ଡ ବ୍ୟାଙ୍କ' ପ୍ରସ୍ତୁତ ଦ୍ୱାରା ଜିଲ୍ଲାରେ ହେବାକୁ ଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଶୀଘ୍ରହେବା ସହ ଦକ୍ଷିଣଓଡ଼ିଶାର କେଉଁ ଜିଲ୍ଲାରେ କେତେ ପରିମାଣର ଜମି ଜବରଦଖଲ ହୋଇଛି ତାହା ଜଣାପଡ଼ିବ।

## ବିପୁଳ ପରିମାଣର ସୁନା ଅଳଙ୍କାର ଜବତ

**ପୁଲିସ କବଜାରେ ୪ ଅଭିଯୁକ୍ତ**

ବ୍ରହ୍ମପୁର, ୨୦।୮ (ସମିସ): ଦିଗପହଣ୍ଡି ଥାନା ବଡ଼ଡୁମୁଳା ପଞ୍ଚାୟତ ଅନ୍ତର୍ଗତ ସୁମନ୍ତପୁର ଗ୍ରାମର ପ୍ରହଲ୍ଲାଦ ପ୍ରଧାନ ନାମକ ଜଣେ ଯୁବକଙ୍କ ଘରୁ ନଗଦ ୩ ଲକ୍ଷ ୨୦ ହଜାର ଟଙ୍କା ସମେତ ୮ ଭରି ସୁନା ଅଳଙ୍କାର ଏବଂ ଏକ ମୋବାଇଲ ଫୋନ ଚୋରି ହୋଇଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ସମ୍ପୃକ୍ତ ୪ଜଣ ଅଭିଯୁକ୍ତକୁ କାବୁ କରିଛି। ସୂଚନାଯୋଗ୍ୟ ଯେ, ଗତ ୨ ତାରିଖରେ ପ୍ରହଲ୍ଲାଦଙ୍କ ପରିବାର ଖାଇସାରି ଶୋଇଥିବା ବେଳେ ସେ ନିଜ ଚାଷଜମିରେ ପାଣି ମଡ଼ାଇବା ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ରାତି ପାଖାପାଖି ସାଢେ ଗୋଟାଏ ସମୟରେ ଘର ବାରିପଟ କବାଟ ଭାଙ୍ଗି ଘରେ ପଶି ଆଲମାରୀ ଭାଙ୍ଗି ସେଥିରେ ଥିବା ଟଙ୍କା ଓ ଅଳଙ୍କାର ଲୁଟି ନେଇଥିଲେ। ଶେରଗଡ଼, ଦିଗପହଣ୍ଡି, ସମେତ ବିଭିନ୍ନ ସ୍ଥାନରେ ପୁଲିସ ଚଢ଼ଉ କରି ୪ଜଣକୁ କାବୁ କରିଥିବାବେଳେ ସେମାନଙ୍କ ଠାରୁ ପୁଲିସ ବିପୁଳ ପରିମାଣର ସୁନା ଅଳଙ୍କାର ଜବତ କରିଥିବା ସୂଚନା ମିଳିଛି। ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଓ ତାଙ୍କ ଟିମ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ସୂଚନା ମିଳିଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ

ଧରାକୋଟ, ୨୦।୮ (ସମିସ): ଧରାକୋଟ ଥାନା ଅନ୍ତର୍ଗତ ବାହାଡ଼ାଗୁଡ଼ାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ଗୁରୁତର ଯୁବକ ଜଣକ ହେଲେ ପ୍ରଶାନ୍ତ ଜେନା(୩୧)। ବୁଧବାର ପ୍ରଶାନ୍ତ ତାଙ୍କ ଝିଅକୁ ସୁନାମୁହିଁ ଶଶୁର ଘରେ ଛାଡ଼ିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ବାହାଡ଼ାଗୁଡ଼ା କେନାଲ ପାଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୁନାମୁହିଁ ଗ୍ରାମର କାଳିଆ ଜେନା ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲା। ଫଳରେ ତାଙ୍କର ବାମ ହାତରେ ଆଘାତ ଲାଗିଥିବା ବେଳେ ବାମ ହାତର ବୁଢା ଆଙ୍ଗୁଳି କଟି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଆସିକା ମେଡିକାଲରେ ଭର୍ତ୍ତି କରିଥଲେ। ହେଲେ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

**● ଟଙ୍କା ନେଉଥିବା ଭିଡିଓ ଭାଇରାଲ୍ ଘଟଣା**

## ବୁଗୁଡ଼ା ବନାଞ୍ଚଳ ଅଧିକାରୀ ନିଲମ୍ବିତ




ବୁଗୁଡା, ୨୦।୮ (ସମିସ): ଗତ ୧୭ ତାରିଖ ଦିନ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ଜଣେ ବ୍ୟକ୍ତିଙ୍କ ଠାରୁ ଟଙ୍କା ଗ୍ରହଣ କରୁଥିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ଏବଂ ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବ୍ରହ୍ମପୁରସ୍ଥ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବିଶ୍ୱନାଥ ନୀଳାମ୍ବରଭର ସମ୍ପୃକ୍ତ ବନାଞ୍ଚଳ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବିତ ବନାଞ୍ଚଳ ଅଧିକାରୀଙ୍କୁ ଭଞ୍ଜନଗର ହେଡ୍ କ୍ୱାଟରରେ ଅବସ୍ଥାପିତ କରାଯାଇଥିବା ବେଳେ ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ବୁଧବାର ଠାରୁ ବୁଗୁଡା ବନାଞ୍ଚଳ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଥିବା ଜଣାଯାଇଛି। ପ୍ରକାଶ ଯୋଗ୍ୟ ପୂର୍ବରୁ ସକ୍ରିୟ କାଠ ମାଫିଆ ଓ ଅସାଧୁ ବନ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ବୁଗୁଡା ବନାଞ୍ଚଳର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିବା ନେଇ ବିଭିନ୍ନ ଖବର କାଗଜରେ ପ୍ରକାଶିତ ହୋଇଥିଲା ବେଳେ ଏବେକାର ଟଙ୍କା ଦିଆନିଆ ଘଟଣାଟିର ପ୍ରଚ୍ଛଦପଟରେ ସ୍ଥାନୀୟ ବନ ବିଭାଗର ଜନୈକ ଅସ୍ଥାୟୀ କର୍ମଚାରୀଙ୍କ ସନ୍ଦିଗ୍ଧ ଭୂମିକା ରହିଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

**କାର୍‌ରୁ ୩ ଖଣ୍ଡା ଓ ମଦ ବୋତଲ ଜବତ ଘଟଣା**

## ଜଣେ ଗିରଫ ଏକାଧିକ ଫେରାର

**● ଜାତୀୟ ରାଜପଥରେ ଡକାୟତି ପାଇଁ ହୋଇଥିଲା ଯୋଜନା**

**● ଅଭିଯୁକ୍ତ ବ୍ରାଉନ୍‌ସୁଗାର କାରବାରରେ ଲିପ୍ତ ସନ୍ଦେହ**



ବ୍ରହ୍ମପୁର, ୨୦।୮ (ସମିସ)

ସ୍ଥାନୀୟ ଆଙ୍କୁଲି ଜାତୀୟ ରାଜପଥରେ ଡକାୟତି ପାଇଁ ହୋଇଥିବା ଯୋଜନାକୁ ପୁଲିସ ପଣ୍ଡ କରିଛି। ଡକାୟତି ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି ବେଳେ ଚଢ଼ଉ କରିଥିଲା ବୈଦ୍ୟନାଥପୁର ଥାନା ପୁଲିସ। ଘଟଣା ସ୍ଥଳରୁ ପୁଲିସ ଗୋଟିଏ କାର୍ (ଓଡ଼ି୦୨-ସିଏକ୍ସ-୯୯୯୫) ସହ କାର ଭିତରୁ ୩ଟି ଖଣ୍ଡା, ଗୋଟିଏ ଛୁରୀ ଓ ୫ଟି ବିୟର ବୋତଲ ଜବତ କରିବା ସହ ଘଟଣା ସ୍ଥଳରୁ ଚମ୍ପଟ ମାରିବାକୁ ଉଦ୍ୟମ କରୁଥିବା ଜଣେ ଅଭିଯୁକ୍ତକୁ କାବୁ କରିଛି। ଗିରଫ ଅଭିଯୁକ୍ତ ଜଣକ ପାଲିଆ ଛତ୍ରପୁର ଗ୍ରାମର ରୂପେଶ ବେହେରା ଓରଫ ସିଂପ୍ଲେ (୨୭) ବୋଲି ତଦନ୍ତଅଧିକାରୀ ଦୀପ୍ତି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଦୁଇଦିନ ପୂର୍ବେ ଅଭିଯୁକ୍ତ ରୂପେଶ ଓ ତାର କିଛି ସହଯୋଗୀ ବିଜିପୁର ଅଞ୍ଚଳରେ ଜଣେ ଯୁବକଙ୍କୁ ମାର୍‌ପିଟ କରିଥିଲେ। ପରେ ସୀମାଞ୍ଚଳ ଯାଇ ମୁଣ୍ଡନ କରିଥିଲେ। ଫେରିବା ପରେ ଜାତୀୟ ରାଜପଥରେ ଡକାୟତି ପାଇଁ ଯୋଜନା କରିଥିଲେ। ଛତ୍ରପୁର ଠାରେ ମଦ୍ୟପାନ କରି ବ୍ରହ୍ମପୁର ଅଭିମୁଖେ ଆସିଥିଲେ। ଆଙ୍କୁଲି ବାଇପାସ୍‌ରେ ଉକ୍ତ କାର୍‌ର ସମସ୍ତ ଡୋର ଖୋଲି ଫଟୋ ଉଠଇବା ସହ ରାସ୍ତାରେ ହୋହାଲ୍ଲା କରିଥିଲେ। ପାଟ୍ରୋଲିଂ କରୁଥିବା ଲାଞ୍ଜିପଲ୍ଲୀ ଫାଣ୍ଡି ପୁଲିସ ଏଏସ୍ଆଇ ପ୍ରଦୀପ କୁମାର ଗୌଡ଼ ଓ ଅନ୍ୟ କର୍ମଚାରୀମାନେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ତାଗିଦ୍ କରିବା ବେଳେ ସେମାନଙ୍କ ହାବଭାବ ଦେଖି ସନ୍ଦେହ ହୋଇଥିଲା। ପରେ ଗାଡ଼ି ଯାଞ୍ଚବେଳେ ଯୁବକମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଯିବା ପୂର୍ବରୁ ଗାଡ଼ିକୁ ଲକ କରିଦେଇଥିଲେ। ହାବିଲଦାର ସାଇ ଜୀବନ ପାତ୍ର ସମ୍ପୃକ ଯୁବକଙ୍କୁ ଧରିବା ପାଇଁ ଗୋଡ଼ାଇ ଥିଲେ। ପୁଲିସକୁ ଦେଖି ଅଭିଯୁକ୍ତମାନେ ଦୌଡ଼ି ପଳାଇଥିବା ବେଳେ ଅନ୍ୟତମ ଅଭିଯୁକ୍ତ ରୂପେଶ ଆଙ୍କୁଲି ଶିବ ମନ୍ଦିର ଦେଇ ଯାଉଥିବା ବେଳେ ତାର ଗୋଡରେ ଆଘାତ ଲାଗିଥିଲା। ସେ ନିଗମ ନଗର ଜଗନ୍ନାଥ ମନ୍ଦିର ଦେଇ ଚିକିତ୍ସା ପାଇଁ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଖବର ପାଇ ପୁଲିସ ମେଡ଼ିକାଲରୁ ଅଭିଯୁକ୍ତ ରୂପେଶକୁ ଗିରଫ କରିଥିଲା। ରୂପେଶ ଓ ତାର ଅନ୍ୟ ୬ ସହଯୋଗୀ ଖଣ୍ଡା ଧରି ବାଇପାସ୍‌ରେ ଡ୍ରାଇଭରଙ୍କୁ ଧମକ ଦେଇ ଡକାୟତି ପାଇଁ ଯୋଜନା କରିଥିଲେ। ଜବତ କାରର ପ୍ରକୃତ ମାଲିକ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକୁ ୧୫ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ତେବେ କେବଳ ୬ଲକ୍ଷ ଟଙ୍କା ଦେଇ ଗାଡ଼ି ନେଇଯାଇଥିଲେ। କିନ୍ତୁ ଗାଡିର ମାଲିକାନା ହସ୍ତାନ୍ତର ସମ୍ପୂର୍ଣ୍ଣ ହୋଇନଥିବା ପୁଲିସ ତଦନ୍ତରେ ଜଣାପଡ଼ିଛି।

ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ବ୍ରାଉନ୍‌ସୁଗାର କାରବାରରେ ଲିପ୍ତ ଥିବା ପୁଲିସ ସନ୍ଦେହ କରୁଛି। ଗାଡିର ପ୍ରକୃତ ମାଲିକକୁ ଦେଇଥିବା ୬ଲକ୍ଷ ଟଙ୍କା ଅଭିଯୁକ୍ତମାନେ କେଉଁଠୁ ଆଣିଲେ। ବ୍ରାଉନସୁଗାର କାରବାରରେ ଲିପ୍ତ ଅଛନ୍ତି ଅଥବା ନାହିଁ ତାହା ପୁଲିସର ତଦନ୍ତ ପରେ ଜଣାପଡ଼ିବ। ବର୍ତ୍ତମାନ ଏହି ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଅଭିଯୁକ୍ତଙ୍କୁ ପୁଲିସ ଚିହ୍ନଟ କରିଛି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ ଦୃଢୋକ୍ତି ପ୍ରକାଶ କରିଛି।

### ରାୟଗଡ଼ ବ୍ଲକରେ ନେଟ୍‌ୱର୍କ ପାଇଁ ଛାତ ଓ ପାହାଡ଼ ଚଢ଼ୁଛନ୍ତି ଲୋକେ

# ଡିଜିଟାଲ୍ ଇଣ୍ଡିଆ ଧୂଆଁବାଣ; ନେଟ୍‌ୱର୍କ ବିନା ଜୀବନ ଦୁର୍ବିସହ

ରାୟଗଡ଼, ୨୦।୮ (ସମିସ)



ଧୂଆଁବାଣ ପାଲଟିଛି ଡିଜିଟାଲ୍ ଇଣ୍ଡିଆ। ସରକାର ସବୁ କାମ ଅନ୍‌ଲାଇନ୍‌ରେ କରିବାକୁ ଘୋଷଣା କରିଥିବାବେଳେ ଆଜି ବି ଅନେକ ସ୍ଥାନରେ ନେଟ୍‌ୱର୍କର ଅଭାବ ଯୋଗୁଁ ଲୋକେ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ଗଜପତି ଜିଲ୍ଲାରେ ଏବେବି ଏମିତି କିଛି ଗାଁ ରହିଛି ଯେଉଁଠି ଲୋକଙ୍କ ପାଇଁ ଇଣ୍ଟରନେଟ କଥା ଛାଡ଼ନ୍ତୁ ମୋବାଇଲ ନେଟ୍‌ୱର୍କ ମଧ୍ୟ ସାତସପନ। ଫଳରେ ପିଲାଙ୍କ ଉଚ୍ଚଶିକ୍ଷା ଠାରୁ ଆରମ୍ଭ କରି ସରକାରୀ ସହାୟତା କ୍ଷେତ୍ରରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳର ଲୋକେ ଏହାର ସମାଧାନ ପାଇଁ ବାରମ୍ବାର ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଡମ୍ବାଳ ଗ୍ରାମର ସୁଧୀର କୁମାର କାର୍ଯୀ, ବାସନ୍ତୀ ଗମାଙ୍ଗ, ଅବାସିଂ ଗ୍ରାମର ହରି ବଡ଼ରଇତ, ଭାଦ୍ରବ ଭୂୟାଁଙ୍କ ସମେତ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଆଦିବାସୀ ବହୁଳ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ଡମ୍ବାଳ ପଞ୍ଚାୟତ। କିଏ ନେଟୱାର୍କ ପାଇଁ ଘର ଛାତ ଉପରେ ଚଢୁଛନ୍ତି ତ କିଏ ନିଜ ମୋବାଇଲ ଧରି ଗାଁର ବିଭିନ୍ନ ସ୍ଥାନରେ ନେଟୱାର୍କ ଖୋଜୁଛନ୍ତି। କେବଳ ଡମ୍ବାଳ ନୁହେଁ, ତାଳମୁଣ୍ଡା, ଗଙ୍ଗାବାଡ, ଲୋବା, ଏଙ୍ଗାରସିଂ ଆଦି ପଞ୍ଚାୟତର ମଧ୍ୟ ସମାନ ଅବସ୍ଥା। ବର୍ତ୍ତମାନ ମୋବାଇଲ ଓ ଇଣ୍ଟରନେଟ ଲୋକଙ୍କ ଦୈନନ୍ଦିନ ଜୀବନର ଆବଶ୍ୟକତା ହୋଇଥିବା ବେଳେ ଏହି ସବୁ ଅଞ୍ଚଳରେ ଏହି ସୁବିଧା ଟିକଟ ସାତସପନ ହୋଇ ରହିଛି। ମୋବାଇଲ କିମ୍ବା ଇଣ୍ଟରନେଟ ସୁବିଧା ନଥିବାରୁ ଏହି ଅଞ୍ଚଳର ଲୋକେ ବାହାର ଦୁନିଆ ସମ୍ପର୍କରେ ଜାଣିବା ସମ୍ଭବ ନୁହେଁ। ତେଣୁ ଅଧିକାଂଶ ସମୟରେ ଏମାନେ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସମସ୍ୟା ନେଇ ବାରମ୍ବାର ବିଭିନ୍ନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତଥାପି ଫଳ ଶୂନ ରହିଛି। ଗାଁରେ ଅଛି ମିନି ବ୍ୟାଙ୍କ ସହ ସ୍ମାର୍ଟ କ୍ଲାସ୍ ରୁମ୍ ସବୁ ଯେପରି ଅକର୍ମଣ୍ୟ। ଆମ୍ବୁଲାନ୍ସ ସେବା ପାଇଁ ୪ କିଲୋମିଟର ଯାଇ ଯୋଗାଯୋଗ କଲେ ଆସୁଛି ଗାଡ଼ି। ଯେଉଁ ଅଞ୍ଚଳରେ ସୁବିଧା ପହଞ୍ଚି ନାହିଁ ସେମାନେ ଯାହା ଅସୁବିଧା ଭୋଗୁଛନ୍ତି ବ୍ଲକର ଯେଉଁ ଅଞ୍ଚଳରେ ଏହି ସୁବିଧା ରହିଛି ସେମାନଙ୍କ ଅବସ୍ଥା ମଧ୍ୟ ସେହି ଏକାଭଳି। ବ୍ଲକ ସଦର ମହକୁମା କିମ୍ବା ଏହାର ଆଖପାଖ ଅଞ୍ଚଳକୁ ବାଦ୍ ଦେଲେ ବାକି ସବୁ ଅଞ୍ଚଳରେ ସ୍ଥିତି ଏଭଳି। ଗାଁରେ ରହୁଥିବା କଲେଜ ଓ ସ୍କୁଲ ଛାତ୍ରଛାତ୍ରୀ ପାଠ ପଢ଼ାକୁ ନେଇ ମଧ୍ୟ ହଇରାଣ ହେଉଛନ୍ତି।

ସମସ୍ୟା ନେଇ ବାରମ୍ବାର ଜିଲ୍ଲାପାଳଙ୍କୁ ଅବଗତ କରାଇଛୁ କିନ୍ତୁ କିଛି ମଧ୍ୟ ହୋଇନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ସରକାର ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି। ସେହିପରି ରାୟଗଡ଼ ବ୍ଲକର ଲୋବା, ତାଳମୁଣ୍ଡା ପଞ୍ଚାୟତ ମଧ୍ୟ ଅନେକ ଗାଁରେ ସେହି ସମାନ ଅବସ୍ଥା। ଅନ୍ୟ ଏକ ଗାଁ ହେଉଛି ତାଳମୁଣ୍ଡା ପଞ୍ଚାୟତର ଅବାସିଂ ଗାଁ। ଏଠାରେ ପ୍ରାୟ ୧୧ ଶହରୁ ଅଧିକ ଲୋକେ ବସବାସ କରନ୍ତି। ଗାଁରେ ନୂତନ ଭାବେ ଟାୱାର ନିର୍ମାଣ ହୋଇଛି, କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ନେଟୱାର୍କ ଗାଁରେ ନଥିବା ଯୋଗୁଁ ଯେଉଁ ସ୍ଥାନରେ ନେଟ୍‌ୱର୍କ ଆସୁଛି ସେ ସ୍ଥାନକୁ ଯାଇ ପିଲା ଅନଲାଇନରେ କାମ କରୁଛନ୍ତି।

ସରକାର ଏଥିପାଇଁ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଏନେଇ ବିଡିଓ ସନ୍ତୋଷ କୁମାର ବାରିକଙ୍କ ସହ ଯୋଗାଯୋଗ କରାଯିବାରେ ଉକ୍ତ ବିଷୟକୁ ନେଇ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ଆଠ ଫୁଟିଆ ଅଜଗର ଉଦ୍ଧାର



ଜି.ଉଦୟଗିରି, ୨୦।୮ (ସମିସ): ଜି. ଉଦୟଗିରି ନିକଟସ୍ଥ ଶ୍ରୀରାମପଦାରୁ ଏକ ଆଠ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରିଛି ସ୍ନେକ ହେଲ୍ପ ଲାଇନ ଟିମ। ଅଜଗରକୁ ଦେଖି ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ସ୍ନେକ ହେଲ୍ପ ଲାଇନ ଟିମ୍ ସଦସ୍ୟ ଜଗନ୍ନାଥ ନାୟକ, ପ୍ରବୀନ ନାୟକ, ସୋମନାଥ ପ୍ରଧାନ, ବାପୁନି ଅର୍ଜଲୀ ଓ ରାଜୀବ ଦଳବେହେରା ସାପକୁ ଧରିଥିଲେ। ବଜାରରେ ଏହି ସାପକୁ ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା। ସାପକୁ ନିକଟସ୍ଥ କଳିଙ୍ଗା ଜଙ୍ଗଲରେ ଛାଡି ଦିଆଯାଇଛି।

## ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ



ପାରଳାଖେମୁଣ୍ଡି, ୨୦।୮ (ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆଜି ନଗର କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ଅଭିମନ୍ୟୁ ପଣ୍ଡା, ସୂର୍ଯ୍ୟ ନାରାୟଣ ପାତ୍ର, ରାଜା ପାତ୍ର, ଲବ ସାହୁ, ମୁନା ମହାରଣା, ଈଶ୍ୱରଚନ୍ଦ୍ର ମାଝୀ, ସଂଗ୍ରାମ ସାହୁ ଓ ନିରାକାର ପାଣିଗ୍ରାହୀଙ୍କ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିବା ବେଳେ ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ପରିଚାଳନା କରିଥିଲେ।

## ମରଣଯନ୍ତା ପାଲଟିଛି ଆର୍‌ଡି ରାସ୍ତା; ବିଭାଗ ନିରବ

ଟିକାବାଲି, ୨୦।୮ (ସମିସ): ଦୟନୀୟ ଅବସ୍ଥାରେ ରହିଛି ବ୍ରେକା ଠାରୁ ବ୍ଲକ ବାଉଣ୍ଡରୀ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗର ଆର୍‌ଡି ରାସ୍ତା। ପ୍ରାୟ ୭ ବର୍ଷରୁ ଅଧିକ ହେବ ଏହି ରାସ୍ତା ଶୋଚନୀୟ ଥିବାବେଳେ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ଟିକାବାଲି ବ୍ଲକର ଏହି ଅଞ୍ଚଳରେ ପିକରଡ଼ି ଓ ଗଦଗୁଡ଼ା ଦୁଇଟି ପଞ୍ଚାୟତ ରହିଛି। ଏହି ଅଞ୍ଚଳର ଜନସଂଖ୍ୟା ୩୦ ହଜାରରୁ ଅଧିକ। ଗ୍ରାମବାସୀ ଟିକାବାଲି ବଜାର ଉପରେ ନିର୍ଭରଶୀଳ। ଏହି ଅଞ୍ଚଳର



ଚଷୀ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟ ଟିକାବାଲି ବଜାରରେ ଆସି ବିକ୍ରିବଟା କରିଥାନ୍ତି। ଏଥିସହ ଅନେକ ଲୋକେ ବିଭିନ୍ନ ଅଫିସ କାମ ପାଇଁ, ବ୍ଲକ, ତହସିଲ, ଥାନା, ଡାକ୍ତର ଖାନା ଇତ୍ୟାଦି ପାଇଁ ଟିକାବାଲି ଉପରେ ହିଁ ନିର୍ଭର କରିଥାନ୍ତି। ତେଣୁ ଦୈନିକ ଏହି ରାସ୍ତା ଦେଇ ଶହଶହ ଯାନବାହନ ଚଳାଚଳ କରୁଛି। ଏହାଛଡା ଏହି ରାସ୍ତା ଟିକାବାଲି ଠାରୁ ଘୁ.ଉଦୟଗିରିର ବାଇପାସ୍ ରାସ୍ତା ହୋଇଥିବାରୁ ରାସ୍ତାରେ ଜନଗହଳି ଲାଗି ରହୁଛି। ଏହା ବ୍ୟତୀତ ପିକରଡ଼ି ପଞ୍ଚାୟତ ନିକଟରେ ଏକ ଧାନ କଳ ଏବଂ ବେଦସୁଗାରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପର ବଡ଼ ଗୋଦାମ ଓ ଗସାଗୁଡ଼ାରେ ଏକ ଛତୁଆ ନିର୍ମାଣ କେନ୍ଦ୍ର ଥିବାରୁ ଏହି ରାସ୍ତା ଦେଇ ପ୍ରାୟ ଭାରିଯାନ ମଧ୍ୟ ଯିବାଆସିବା ହୋଇଥାଏ। କିନ୍ତୁ ଟିକାବାଲିଠାରୁ ରାସ୍ତା ସୁକାନାଣ୍ଡା ପର୍ଯ୍ୟନ୍ତ ଅଣଓସାରିଆ ହୋଇଥିବାରୁ ଆରମ୍ଭରୁ ଯିବା ଆସିବାରେ ଅସୁବିଧା ହେଉଥିବା ବେଳେ ଏହି ରାସ୍ତା ଦେଇ ଯାଉଥିବା ଯାତ୍ରୀମାନେ ବିପଦରେ ପଡୁଛନ୍ତି। ୭ ବର୍ଷରୁ ଅଧିକ ହେବ ଏହିରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାର ୯୦ ପ୍ରତିଶତ ପିଚୁ ଉଠିଯାଇଥିବା ବେଳେ ଅଧିକାଂଶ ଜାଗାରେ ଖାଲଖମା ଭର୍ତ୍ତି ହୋଇଯାଇଛି। ସରକାରୀ ବାବୁ ଓ ନେତାମନ୍ତ୍ରୀ ଅନେକ ଥର ଏହି ରାସ୍ତାଦେଇ ଯାଇଥିଲେ ସୁଦ୍ଧା ଦେଖି ମଧ୍ୟ ନଦେଖିବା ଏକ ଦୁର୍ଭାଗ୍ୟର ବିଷୟ। ବର୍ତ୍ତମାନ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବାବେଳେ ଅଞ୍ଚଳବାସୀଙ୍କ ଅସୁବିଧାକୁ କେବେ ଶୁଣିବେ ବୋଲି ପ୍ରଶ୍ନ ହୋଇଛି। ସମସ୍ୟା ନେଇ ଟିକାବାଲି ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯିବା ସମ୍ଭବ ହେଉନାହିଁ। କାରଣ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପ୍ରମୋସନ ପାଇଥିବାରୁ ସେ ଆଉ କାର୍ଯ୍ୟାଳୟରେ ସମୟ ଦେଇପାରୁନ ଥିବା କିରାଣି ରଞ୍ଜନ ଭୋଇ କହିଛନ୍ତି। ଏହି ରାସ୍ତା ପାଇଁ ଗତ ବର୍ଷରୁ ପ୍ରସ୍ତାବ ଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଅନୁମୋଦନ ହୋଇନଥିବା ସେ କହିଛନ୍ତି।

## ଲଗାଣ ବର୍ଷାରେ ବୃଦ୍ଧଙ୍କ ଘର ଭୁଶୁଡ଼ିଲା



ଗୁମ୍ମା, ୨୦।୮ (ସମିସ): ଲଗାଣ ବର୍ଷା ଯୋଗୁଁ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପରିଡ଼ା ଗ୍ରାମର ଲାବଣ୍ୟ ଗାଣ୍ଟା (୬୫) ଙ୍କ ଘର ଭାଙ୍ଗିଯାଇଛି। ବୃଦ୍ଧ ଲାବଣ୍ୟ ନିଜ ସ୍ତ୍ରୀ ସାବିତ୍ରୀ ଗାଣ୍ଟା (୬୨)ଙ୍କ ସହ ଏହି ଘରେ ରହୁଥିଲେ। ସେମାନଙ୍କ କେହି ସନ୍ତାନ ନାହାନ୍ତି। ଏକ ଟିଣ ଘର କରି ଜୀବନ କାଟୁଥିଲେ ଦମ୍ପତି। ସରକାରଙ୍କ ଆବାସ ଯୋଜନାରୁ ସେମାନେ ବଞ୍ଚିତ। ଏଭଳି ସ୍ଥିତିରେ ଏବେ ଲଗାଣ ବର୍ଷାରେ ସେମାନଙ୍କ ଘର ଭୁଶୁଡି ପଡ଼ିଥିବାରୁ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଖବର ପାଇ ସରପଞ୍ଚ ପିନାଶ ରାଇତ ଏବଂ ଆରଆଇ ବଳରାଜ ସାହାଣୀ ଏବଂ ନାଏବ ସରପଞ୍ଚ ଗୁଣବତୀ ସିଂ ତୁରନ୍ତ ପହଞ୍ଚି ଲାବଣ୍ୟ ଓ ତାଙ୍କ ସ୍ତ୍ରୀଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ସହ ଜରି ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ସୂଚନା ପ୍ରଦାନ କରାଯାଇଛି ବୋଲି ଆରଆଇ ପ୍ରକାଶ କରିଛନ୍ତି। କେବଳ ଭତ୍ତା ଓ ଦଶ କିଲୋ ରାସନ ଚାଉଳ ସେମାନଙ୍କୁ ମିଳୁଛି। ଘର ଭାଙ୍ଗି ଯାଇଥିବାରୁ ବର୍ତ୍ତମାନ ସେମାନେ ବେସହରା ହୋଇଯାଇଛନ୍ତି। ସେମାନଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ପକ୍କା ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପଦ୍ମଶ୍ରୀ ଡ.ସତ୍ୟନାରାୟଣ ରାଜଗୁରୁଙ୍କ ଜୟନ୍ତୀ

ପାରଳାଖେମୁଣ୍ଡି, ୨୦।୮ (ସମିସ): ପାରଳାଖେମୁଣ୍ଡି ମାଟିରେ ଜନ୍ମିତ ଓଡ଼ିଶାର ପ୍ରବାଦ ପୁରୁଷ ପଦ୍ମଶ୍ରୀ ଡ.ସତ୍ୟନାରାୟଣ ରାଜଗୁରୁଙ୍କ ୧୨୩ ତମ ଜୟନ୍ତୀ ମଙ୍ଗଳବାର ଭଣ୍ଡାରିସାହି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଡ.ସତ୍ୟନାରାୟଣ ରାଜଗୁରୁ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସଂଗ୍ରାହାଳୟର ପୂର୍ବତନ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ.ରାଜଗୁରୁଙ୍କୁ ବିଂଶ ଶତାବ୍ଦୀର ଶ୍ରେଷ୍ଠ ଗବେଷକ ଭାବେ ଅଭିହୀତ କରିଥିଲେ। ମୁଖ୍ୟବକ୍ତା ଭାବେ ଡ.କଲ୍ୟାଣୀ ମିଶ୍ର ଯୋଗ ଦେଇଥିବା ବେଳେ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଖୋର୍ଦ୍ଧା ବନମାଳୀପୁରର ରାଜମିସ୍ତ୍ରି ଶଙ୍କର ସାହୁଙ୍କୁ ଡ.ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁର ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ ସମ୍ପାଦକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା କରିଥିବା ବେଳେ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା। ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସଭାରେ ଅଧକ୍ଷତା କରିଥିଲେ। ଏହି ଅବସରରେ ନାଟକ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁଙ୍କ ଦ୍ୱାରା ପ୍ରଣୀତ ଓ ପ୍ରକାଶିତ ରାଧାଭିଷେକର ଦ୍ୱିତୀୟ ସଂସ୍କରଣ ଲୋକାର୍ପଣ କରାଯାଇଥିଲା। ଇଂ.ଶ୍ୱେତା ପଟ୍ଟନାୟକ, ଭାରତଭୂଷଣ ମହାନ୍ତି, ସ୍ନେହା ବେହେରା, ତ୍ରିପତି ପ୍ରସାଦ ପଣ୍ଡା, ମୁରଲୀଧର ପରିଚ୍ଛା,



ଶରତଚନ୍ଦ୍ର ସାହୁ ଓ ବିଷ୍ଣୁ ଚରଣ ପଣ୍ଡା କାର୍ଯ୍ୟାକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଶଶିଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସକାଳେ ପୁରୁଣାକୋର୍ଟ ଛକ ନିକଟରେ ଥିବା ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ସହରର ବହୁ ମାନ୍ୟଗଣ୍ୟବ୍ୟକ୍ତି ସାମିଲ ହୋଇଥିଲେ।

## ବ୍ରାହ୍ମଣୀଗାଁରେ ଜଳୁନି ଷ୍ଟ୍ରିଟ୍‌ଲାଇଟ୍

ବ୍ରାହ୍ମଣୀଗାଁ, ୨୦।୮ (ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ନିକଟବର୍ତ୍ତି ୮ ପଞ୍ଚାୟତ ତଥା ଗଜପତି ଓ ଗଞ୍ଜାମ ଜିଲ୍ଲାର କେତେକ ଅଞ୍ଚଳ ନିମନ୍ତେ ଏକ କେନ୍ଦ୍ରସ୍ଥଳ। ବ୍ୟବସାୟ ତଥା ଗମନାଗମନ ନିମନ୍ତେ ମଧ୍ୟ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏହି ବାଟ ଦେଇ କନ୍ଧମାଳ, ଗଜପତି, ଗଞ୍ଜାମ, ରାୟଗଡ଼ା, କଟକ ଓ ଖୋର୍ଦ୍ଧା ଜିଲ୍ଲାର ଅନେକ ଯାନବାହନ ଦିନରାତି ଚଳପ୍ରଚଳ କରିଥାଆନ୍ତି। ଅନେକ ଯାତ୍ରୀବାହୀ ଗାଡ଼ି ବିଳମ୍ବିତ ରାତିରେ ଏହି ସ୍ଥାନରେ ରହଣି କରନ୍ତି ଓ ଅନେକ ଗାଡ଼ି ଏହି ସ୍ଥାନରୁ ବାହାରନ୍ତି। ଫଳରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ସହରରେ ଭିଡ଼ ଲାଗି ରହିଥାଏ। ଭିଡ ଜମୁଥିବା ବେଳେ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକ ବର୍ଷ ଧରି ରାସ୍ତା କଡ଼ର ଆଲୁଅ ବ୍ୟବସ୍ଥା ବନ୍ଦ ରହିଛି। ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡ଼ିଓଙ୍କ ପର୍ଯ୍ୟନ୍ତ ଅନେକ ଥର ଦୃଷ୍ଟି ଆକର୍ଷଣ କରାଯାଇ ଥିଲେ ସୁଦ୍ଧା କୌଣସି ସୁଫଳ ଏପର୍ଯ୍ୟନ୍ତ ମିଳି ପାରିନାହିଁ। ଯଥା ଶୀଘ୍ର ସଡ଼କରେ ଆଲୁଅ ବ୍ୟବସ୍ଥା କରିବାକୁ ଦାବି ହେଉଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଏନ୍‌ଏସି ଅଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀ ଦେଲେ ସଫେଇ

କାଶୀନଗର, ୨୦।୮ (ସମିସ): କାଶୀନଗର ଏନ୍‌ଏସି ପକ୍ଷରୁ ବୁଧବାର ପୂର୍ବାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ଏଥିରେ ଅଧ୍ୟକ୍ଷା ଏମ.ସୁଧାରାଣୀ ଓ ନିର୍ବାହୀ ଅଧିକାରୀ ଭଗବତ ସାହୁ ଉପସ୍ଥିତ ରହି ଚଳିତ ବର୍ଷର ସ୍ୱାୟତ୍ତଶାସନ ଦିବସ ପାଳନ ସମ୍ପର୍କରେ ସ୍ଥାନୀୟ ପ୍ରେସ୍ କ୍ଲବ୍‌ର ସଭାପତି, ଉପଦେଷ୍ଟା ଓ ଅନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏ ଅବସରରେ ଅଗଷ୍ଟ ୨୫ ରୁ ୩୧ ଯାଏଁ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧିତ ସୂଚନା ଦେବା ସଂଗେ ସଂଗେ ପ୍ରେସ୍ କ୍ଲବ୍ ସହ ସମ୍ପୃକ୍ତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ପ୍ରସ୍ତାବିତ କାର୍ଯ୍ୟକ୍ରମ ସବୁରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ ଅଧ୍ୟକ୍ଷା। ଚଳିତ ମାସର ଏନ୍‌ଏସି ସାଧାରଣ ବୈଠକ ବେଳେ ନିଜର କୌଣସି ମନ୍ଦ ଉଦ୍ଦେଶ୍ୟ ନଥିବା ସତ୍ତ୍ୱେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଧାରୁ ବୈଠକ ଛାଡି ଚାଲିଯିବା ପାଇଁ କହିବା ତାଙ୍କ ପକ୍ଷେ ଉଚିତ ନଥିଲା। କାରଣ ସେ ବୈଠକରେ ଅଧ୍ୟକ୍ଷତା କରୁଥିଲେ। ପ୍ରେସ୍ କ୍ଲବ୍ ସେହି ଘଟଣାକୁ ନେଇ ଭବିଷ୍ୟତରେ ଏନ୍‌ଏସି ଦ୍ୱାରା ଆୟୋଜିତ କୌଣସି କାର୍ଯ୍ୟକ୍ରମରେ ଯୋଗ ନଦେବା ସକାଶେ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଜଣାଇବା ତାଙ୍କୁ ମର୍ମାହତ କରିଛି। ନିଜର ଅନିଚ୍ଛାକୃତ ତ୍ରୁଟି ପାଇଁ ସେ ଅନୁତପ୍ତ। ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଓ ତା ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ସମ୍ମାନ ରହିଛି ବୋଲି ମଧ୍ୟ ଅଧ୍ୟକ୍ଷା କହିଥିଲେ। ନିର୍ବାହୀ ଅଧିକାରୀ ମଧ୍ୟ ଏନ୍‌ଏସିର ସାଧାରଣ ବୈଠକ ଅବସରରେ ଘଟିଥିବା ଉକ୍ତ ଅପ୍ରୀତିକର ଘଟଣା ସକାଶେ ଦୁଃଖ ପ୍ରକାଶ କରିବା ସହ ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନଘଟେ, ସେଥିପ୍ରତି ସେ ସତର୍କ ରହିବେ ବୋଲି କହିବା ସଙ୍ଗେ ସଙ୍ଗେ ଏନ୍‌ଏସି ପକ୍ଷରୁ ପ୍ରେସ୍ କ୍ଲବ୍ କର୍ମକର୍ତ୍ତାଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ପ୍ରେସ୍ ମିଟ୍ ପରେ ଆଗାମୀ ଦିନରେ ଏନ୍‌ଏସି ପକ୍ଷରୁ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ଓ ସେ ସମ୍ପର୍କିତ ଖବର ପ୍ରକାଶ, ପ୍ରସାରଣ ପାଇଁ ଉଦ୍ୟମ କରିବା ନିମନ୍ତେ ପ୍ରେସ୍ କ୍ଲବ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ରାଇକିଆ, ୨୦।୮ (ସମିସ): ରାଇକିଆ କଳିଙ୍ଗ ମଡେଲ ରେସିଡେନ୍ସିଆଲ ସ୍କୁଲ୍‌ରେ ଯୁକ୍ତ ଦୁଇରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ଏବଂ ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରିନ୍ସପାଲ୍ ଜଗଦୀଶ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡବ୍ଲୁଇଓ ଉର୍ମିଳା ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷା ସରସ୍ୱତୀ ପ୍ରଧାନ ଯୋଗ ଦେଇ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୃଙ୍ଖଳା କିପରି ସଫଳତା ଆଣିଦିଏ ସେ ନେଇ କହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ୱେଲକମ୍ କିଟ୍, ଖାତା, ପେନ୍, ୱାଟର ବୋତଲ ପ୍ରଦାନ କରାଯାଇଥିଲା। ଶିକ୍ଷକ ସଚ୍ଚିଦାନନ୍ଦ ସ୍ୱାଇଁ, ଜିତେନ୍ଦ୍ର କୁମାର ପାତ୍ର, ବିବନ ରଣସିଂହଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ପାରଳାଖେମୁଣ୍ଡି, ୨୦।୮ (ସମିସ): ଗଜପତି ଜିଲ୍ଲା ଗାରାବନ୍ଧ ଥାନା ଅନ୍ତର୍ଗତ ଲାବାଣ୍ୟଗଡ଼ରେ ଦୁଇ ଦିନ ପୂର୍ବେ ଆନ୍ଧ୍ରର ୪ଜଣ ଯୁବକ ଏକ ଲୁହା ଡଙ୍ଗାରେ ଲାବାଣ୍ୟଗଡ଼ ସ୍ଥିତ ରାଧାସାଗରରେ ମାଛ ଧରିବାକୁ ଯାଇ ବୁଡିଯାଇଥିଲେ। ଚାରିଜଣ ଯୁବକଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶ ଗୋପିଲୀ ଗ୍ରାମର ଜଣେ ଓ ମିଳିଆପୁଟି ଥାନା ଅନ୍ତର୍ଗତ ସାନହଂସା ଗ୍ରାମର ଦୁଇ ଜଣ ପହଁରି କୂଳକୁ ଆସିପାରିଥିବା ବେଳେ ସାନହଂସା ଗ୍ରାମର ଲାଣ୍ଡା ରାମାରାଓ (୪୭) ନିଖୋଜ ହୋଇଯାଇଥିଲେ। ଦୁଇଦିନ ପରେ ବୁଧବାର ତାଙ୍କ ମୃତଦେହ ଭାସମାନ ଅବସ୍ଥାରେ ଉଦ୍ଧାର କରାଯାଇଛି। ମଙ୍ଗଳବାର ତମାମ ପାରଳାଖେମୁଣ୍ଡି ଅଗ୍ନିଶମବାହିନୀ ଏବଂ ଗାରାବନ୍ଧ ପୁଲିସ୍ ଖୋଜାଖୋଜି କରି ବୁଡ଼ିଯାଇଥିବା ଲୁହା ଡଙ୍ଗାକୁ ଉଦ୍ଧାର କରିଥିଲେ ମଧ୍ୟ ରାମାରାଓଙ୍କ ପତ୍ତା ମିଳିନଥିଲା। ସେପଟେ ସନ୍ଧ୍ୟା ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିଲା। ଆଜି ସକାଳେ ରାମାରାଓଙ୍କ ମୃତଦେହ ଭାସୁଥିବା ଅଞ୍ଚଳବାସୀ ଦେଖିଥିଲେ। ଏହାପରେ ପୁଲିସ୍ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୁଲିସ୍ ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଗାରାବନ୍ଧ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରୀ ରହିଥିବାର ଥାନା ଅଧିକାରୀ ପ୍ରଶାନ୍ତ ନିସିକା ସୂଚନା ଦେଇଛନ୍ତି।

## ଘରୋଇ ଛାତ୍ରାବାସ ବନ୍ଦ କଲା ଜିଲ୍ଲା ପ୍ରଶାସନ

ପାରଳାଖେମୁଣ୍ଡି, ୨୦।୮ (ସମିସ): ଗଜପତି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୋଷାଣି ବ୍ଲକ ଅନ୍ତର୍ଗତ ବି. ସୀତାପୁରରେ ବେଆଇନ ଭାବେ ପରିଚାଳିତ ଏକ ଘରୋଇ ଛାତ୍ରାବାସକୁ ବନ୍ଦ କରାଯାଇଛି। ପ୍ରକାଶ ଥାଉକି ବି.ସୀତାପୁରରେ ଦୀର୍ଘ ଦିନରୁ ବେଆଇନ ଭାବେ 'ଗୁଡ ନିଉଜ ଇଣ୍ଡିଆ ଡ୍ରିମ ସେଣ୍ଟର' ନାମରେ ଏକ ଘରୋଇ ଛାତ୍ରାବାସ ଚାଲିଥିଲା। ଘରୋଇ ଛାତ୍ରାବାସର ପ୍ରକୃତ ମାଲିକ, ଛାତ୍ରାବାସ ଚାଲିବା ବିରୋଧରେ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ଓ ଓଡ଼ିଶା ମାନବଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଜାତୀୟ ଶିଶୁ ସୁରକ୍ଷା ଆୟୋଗଙ୍କର ନିର୍ଦ୍ଦେଶାବଳୀ ତଥା ଘରୋଇ ଛାତ୍ରାବାସ ପଞ୍ଜୀକରଣ ୨୦୧୮ ଅନୁସାରେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏସମ୍ପର୍କରେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶାବଳୀ ଅନୁସାରେ ତର୍ଜମା କରି ଅନୁଷ୍ଠାନର ଦରଖାସ୍ତକୁ ରଦ୍ଦ କରିଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ ନେତୃତରେ ଏକ କମିଟି ଗଠନ କରି ଘରୋଇ ଛାତ୍ରାବାସର ଦରଖାସ୍ତ, ଉଚ୍ଚତମ ନ୍ୟାୟଳୟର ନିର୍ଦ୍ଦେଶ ଉପରେ ଆଲୋଚନା କରିବା ପରେ ଛା ତ୍ରାବାସକୁ ବନ୍ଦ କରି ରହୁଥିବା ସମସ୍ତ ଅନ୍ତେବାସୀଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ନିର୍ଦ୍ଦେଶ ଥିଲା। କମିଟିର ସମସ୍ତ ଅଧିକାରୀ ଉକ୍ତ ନିର୍ଦ୍ଦେଶନୁସାରେ ଗୁଡ୍ ନିଉଜ ଇଣ୍ଡିଆ ଡ୍ରିମ ସେଣ୍ଟରରେ ପହଞ୍ଚି ସେଠାରେ ରହୁଥିବା ସମସ୍ତ ୬୮ ଅନ୍ତେବାସୀଙ୍କର ବିବରଣୀ ସଂଗ୍ରହ କରିବା ପରେ ଆଜିର ଦିନରେ ଉପସ୍ଥିତ ଥିବା ୧୮ ଅନ୍ତେବାସୀଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହାପରେ ଶିଶୁ ମଙ୍ଗଳ ସମିତି ସମସ୍ତ ଅନ୍ତେବାସୀଙ୍କୁ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶ କ୍ରମେ



ଅନ୍ତେବାସୀମାନଙ୍କୁ ଉପଯୁକ୍ତ ଶିକ୍ଷାନୁଷ୍ଠାନ/ଛାତ୍ରାବାସରେ ଥଇଥାନ ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଏପରି ଅନେକ ଘରୋଇ ଛାତ୍ରାବାସ ବିବାଦ ମଧ୍ୟରେ ରହିଥିଲେ ହେଁ ପ୍ରଶାସନ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି।

## ଦୁର୍ଗମ ଅଞ୍ଚଳରେ ମହିଳାଙ୍କୁ ସ୍ୱାବଲମ୍ବୀ କରିଛି କୁକୁଡ଼ା ଚାଷ

ଗୁମ୍ମା, ୨୦।୮ (ସମିସ)



ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଗାଇବା ପଞ୍ଚାୟତ ବୁରୁଡା ଗ୍ରାମର ମଦର ଟେରେସା ସ୍ୱୟଂ ସହାୟିକା ଗୋଷ୍ଠୀର ୧୩ ଜଣ ମହିଳା ଅଣ୍ଡା ଦିଆ କୁକୁଡ଼ା ଚାଷ କରି ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ପାରଳାଖେମୁଣ୍ଡି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦିଆଯାଇଛି ସୁବିଧା ସୁଯୋଗ। ଆଦିବାସୀଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ଏଥିପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ପାଇଁ ଯୋଗାଇ ଦିଆଯାଇଛି ସହାୟତା। ଜିଲ୍ଲାର ଗୁମ୍ମା ବ୍ଲକର ବୁରୁଡା, ଡୁମକର ଓ ନୂଆସାହିର ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଅଣ୍ଡା ଦିଆ କୁକୁଡା ଚାଷ ପ୍ରକଳ୍ପ ପାଇଁ ଉପଯୁକ୍ତ ଘରଠାରୁ ଆରମ୍ଭ କରି କୁକୁଡ଼ା ଓ ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆଯାଇଛି। ପ୍ରକଳ୍ପକୁ ଉପଯୁକ୍ତ ଭାବେ ପରିଚାଳିତ କରିବାକୁ ହିତାଧିକାରୀଙ୍କୁ ତାଲିମ ମଧ୍ୟ ପ୍ରଦାନ କରାଯାଇଥିଲା। ଚଳିତ ମେ' ମାସରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପରୁ ବର୍ତ୍ତମାନ ଅଣ୍ଡା ସଂଗ୍ରହ ଆରମ୍ଭ ହୋଇଛି। ଯାହାକୁ ବିକ୍ରି କରି ଲାଭବାନ ହୋଇ ପାରିଛନ୍ତି ଆଦିବାସୀ ମହିଳା। ଏଥିପାଇଁ ଆଦିବାସୀ ଉନ୍ନୟନ ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀର ହିତାଧିକାରୀ ସୁବେନୀ ଶବର, ସୁନାତୀ ରଇତ ଓ ଯୁନସ ଭୂୟାଁ ପ୍ରମୁଖ। ୨୦୨୨-୨୩ ଆର୍ଥିକ ବର୍ଷରେ ୧୨ ଲକ୍ଷ ୫୦ ହଜାର ଟଙ୍କାର ବ୍ୟୟ ଅଟକଳରେ ଅଣ୍ଡା ଦିଆ କୁକୁଡ଼ା ଚାଷ ପ୍ରକଳ୍ପକୁ ମଞ୍ଜୁର କରିଥିଲେ ସରକାର। ଗୁମ୍ମା ବ୍ଲକ ଭଳି ଏକ ଆଦିବାସୀ ଅଧ୍ୟୁଷିତ ବ୍ଲକର ତିନୋଟି ଗ୍ରାମରେ ଏହି ପ୍ରକଳ୍ପ ଆରମ୍ଭ ହୋଇଛି। ପରବର୍ତ୍ତୀ ସମୟରେ ଅଧିକରୁ ଅଧିକ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଇ ଯେପରି ସଫଳ ଭାବେ ଚାଷ କରିପାରିବେ ସେଥିପାଇଁ ସମସ୍ତ ହିତାଧିକାରୀଙ୍କୁ ତାଲିମର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଥିସହ ଏଥିରୁ ଉତ୍ପାଦିତ ଅଣ୍ଡାକୁ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ର ଓ ସରକାରୀ ବିଦ୍ୟାଳୟରେ ବିକ୍ରି କରିବାକୁ ବ୍ୟବସ୍ଥା କରାଯାଇଛି। ଖୁବ୍ କମ ଦିନରେ ମହିଳାଙ୍କ ଆୟ ବୃଦ୍ଧି ପାଇବ ବୋଲି ପାରଳାଖେମୁଣ୍ଡି ଆଇଟିଡିଏ ପ୍ରକଳ୍ପ ଅଧିକାରୀ ଅଂଶୁମାନ ମହାପାତ୍ର କହିଛନ୍ତି।

# ଫସଲ ବୀମା କ୍ଷତିପୂରଣ ଦାବିରେ ଚାଷୀଙ୍କ ଧାରଣା

ଛତ୍ରପୁର,୨୦।୮ (ସମିସ): ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡିଶା କୃଷକ ସଭା ଗଂଜାମ ଜିଲ୍ଲା କମିଟି ପକ୍ଷରୁ ସଭାପତି ପି.ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ଶହଶହ ଚାଷୀମାନେ ବୁଧବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏନେଇ ଗଂଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ଅଖିଳ ଭାରତ କୃଷକ ସଭାର କେନ୍ଦ୍ରୀୟ କମିଟି ସଭ୍ୟ ତଥା ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହିତ ଚାଷୀଙ୍କ ଫସଲ ବୀମାର କ୍ଷତିପୂରଣ ତୁରନ୍ତ ପ୍ରଦାନ କରିବା ନିମନ୍ତେ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କୃଷକ ନେତା କୈଳାଶ ଷଡଙ୍ଗୀ, ଜିଲ୍ଲା ନେତା



ଗୋପାଳ କୃଷ୍ଣ ପାଣିଗ୍ରାହୀ, ଜିଲ୍ଲା ସମ୍ପାଦକ ଅଜୟ ଗୌଡ଼, ଯୋଗେଶ ସାହୁ, ବିଭୂ ପ୍ରସାଦ ପାଣିଗ୍ରାହୀ, ବୈରାଗୀ ବେହେରା, ମୋଟିଆ ଶବର, ଶୁକୁ ଶବର, ଉଲ୍ଲାସ ଶବର ଓ ଗୋବର୍ଦ୍ଧନ ପାହାନଙ୍କ ସମେତ ବହୁ କୃଷକ ନେତା ମାନେ ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଏହା ସହିତ ଏକ ପ୍ରତିନିଧୀ ଦଳ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ । ଦାବିଗୁଡ଼ିକ ମଧ୍ୟରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ ସରଳୀକରଣ କରି ଅବଧି ବୃଦ୍ଧି କରିବା, ଗତ ଖରିଫ ଫସଲ ଅମଳ ବେଳେ ଅଦିନିଆ ବର୍ଷାର ଫସଲ ବୀମା କ୍ଷତି ପୂରଣ ପ୍ରଦାନ କରିବା, ଆଦିବାସୀଙ୍କୁ ଜଙ୍ଗଲ ଜମିର ପଟ୍ଟା, ଦଖଲ ସରକାରୀ ଜମି ଓ ଘର ପଟ୍ଟା ପ୍ରଦାନ କରିବା ଭଳି ବିଭିନ୍ନ ଦାବି ରହିଛି ।

# ଦିବ୍ୟାଙ୍ଗ ଉପକରଣ ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର

କୁକୁଡାଖଣ୍ଡି,୨୦।୮ (ସମିସ): କୁକୁଡାଖଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁକୁଡାଖଣ୍ଡି ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ପ୍ରାୟ ୧୨୮ଟି ସ୍କୁଲରୁ ପ୍ରାୟ ୧୨୦ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିଲେ । ଗୋଷ୍ଠୀ ସମ୍ବଳ ଶିକ୍ଷକ ଏମ୍ ଡମ୍ବୁରୁଧର ଦୋରା ଉପସ୍ଥିତ ଥିଲେ । ଶିବିରରେ ଭୁବନେଶ୍ୱର ଆଲମିକୋରୁ ଡାକ୍ତର ବେଦପ୍ରକାଶ, ଆନିସ ଶର୍ମା, ସୌଭାଗ୍ୟ ମହାପାତ୍ର ଉପସ୍ଥିତ ରହି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ କେଉଁ ଉପକରଣ ମିଳିବ ସେନେଇ ଚିହ୍ନଟ କରିଥିଲେ । ଏଥିରେ ଶ୍ରବଣ ଯନ୍ତ୍ର, ତିନି ଚକିଆ ଗାଡି, ହ୍ୱିଲ ଚେୟାର ଇତ୍ୟାଦି ୧୧୩ ଜଣ ଛାତ୍ର ଛାତ୍ରୀଙ୍କୁ ଦିଆଯିବ ବୋଲି ଚିହ୍ନଟ ହୋଇଥିଲା । ଜିଲ୍ଲା ଇନକଲୋସିଭ ଏଜୁକେସନ କୋଡିନେଟର ତପନ କୁମାର ସାହୁ, ବିଇଓ ସନ୍ତୋଷ କୁମାର ମହାପାତ୍ର, ଏବିଓ ସୀମାଞ୍ଚଳ କାର୍ଜି ପ୍ରମୁଖ ଉପସ୍ଥିତ ରହି ଶିବିର ତଦାରଖ କରିଥିବା ବେଳେ ସିଆରସିସି ମନୋଜ ବିଶୋୟୀ ସହଯୋଗ କରିଥିଲେ ।

# ସମନ୍ୱିତ କୃଷି ସମୂହ ଜିଲ୍ଲାସ୍ତରୀୟ ବୈଠକ

ଛତ୍ରପୁର,୨୦।୮ (ସମିସ): ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ସମନ୍ୱିତ କୃଷି ସମୂହ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଏବଂ ନୂତନ ଜୀବିକାମୂଳକ ପ୍ରକଳ୍ପ (ଡି.ପି.ଆର୍‌ସ) ଅନୁମୋଦନ ବୈଠକ ଅନୁଷ୍ଠିତ ହୋଇଥିଲା । ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତିର ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଉପସ୍ଥିତି ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନର ମା' ମାନଙ୍କ ଆର୍ଥିକ ଅଭିବୃଦ୍ଧିକୁ ଆହୁରି ସୁଦୃଢ କରିବା ନିମନ୍ତେ କୃଷି, ଉଦ୍ୟାନ, ମତ୍ସ୍ୟ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ମିଳିତ ସମନ୍ୱୟରେ ପ୍ରକଳ୍ପ ଗୁଡିକ କାର୍ଯ୍ୟ କରିବା ସହିତ ସେଗୁଡିକ କିପରି ଆଗୁଆ ଡିପିଆର ପ୍ରସ୍ତୁତ କରିବା ନିମନ୍ତେ ବିଶେଷ ଆଲୋଚନା ହୋଇଥିଲା । ଏଥିରେ ଗଞ୍ଜାମ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ଓଡ଼ିଶା ଜୀବିକା ମିଶନ ଡିପିଏମ ସନ୍ତୋଷ ରଥ, ମିଶନ ଶକ୍ତିର ଡିପିଏମ ଜୟକୃଷ୍ଣ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରାଜୀବଗାନ୍ଧିଙ୍କ ଜୟନ୍ତୀ ପାଳିତ



ଛତ୍ରପୁର,୨୦।୮ (ସମିସ): ଆଜି ଛତ୍ରପୁର କଂଗ୍ରେସ ବିଧାୟକ ପାର୍ଥୀ ଭାଗିରଥୀ ବେହେରାଙ୍କ ନେତତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ଜୟନ୍ତୀ ପାଳନ କରାଯାଇଛି । କାର୍ଯ୍ୟକ୍ରମ ଅବସରରେ ଛତ୍ରପୁର ଉପର ବସଷ୍ଟାଣ୍ଡ ସ୍ଥିତ ରାଜୀବଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପିସିସି ସଭ୍ୟ ଡ଼. ଶମ୍ଭୁ ପାଣିଗ୍ରାହୀ ଉପସ୍ଥିତ କର୍ମୀଙ୍କୁ ଉଦବୋଧନ ଦେଇଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଟି.କ୍ରିଷ୍ଣା ରେଡ୍ଡୀ ଓ ଡ଼ି.ରାମସ୍ୱାମୀ ରେଡ୍ଡୀ, ଗଣପତି ବାରିକ, ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ମହେଶ କୁମାର ଗୌଡ଼, ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଚକ୍ରପାଣି ପୋଲାଇ, ପିସିସି ସଭ୍ୟ ଭବାନୀ ବେହେରା, କାଳିଆ ରାଉଳ, ଅଶୋକ ପଟ୍ଟନାୟକ, ଟି.ବେଣୁ ଗୋପାଳ ଆଚାରୀ, ହାଡୁ ରେଡ଼ୀ, ବିକ୍ରମ ରେଡ଼ୀ, ଆଦିତ୍ୟ ଦାସ, କୁନି ନାୟକ, ରବି ମୁଦୁଲି, ଗୁରୁ ରେଡ଼ୀ ପ୍ରମୁଖ ଯୋଗ ଦେଇଥିଲେ ।

● ସନ୍ତାନ ନେଇ ମିଥ୍ୟା ଶପଥପାଠ

# ସରପଞ୍ଚଙ୍କ ବହିଷ୍କାର ଦାବି



ବାଲିଗୁଡ଼ା,୨୦।୮ (ସମିସ): ମିଥ୍ୟା ଶପଥ ପାଠ ଦାଖଲ କରି ନିର୍ବାଚନରେ ବିଜୟୀ ହୋଇଛନ୍ତି ସରପଞ୍ଚ । କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକ ଅନ୍ତର୍ଗତ ମାର୍ଲାଙ୍ଗ ପଞ୍ଚାୟତରେ ଘଟିଛି ଏହିପରି ଘଟଣା । ଭାରତୀୟ ସମ୍ବିଧାନର ୧୯୬୪ ପଞ୍ଚାୟତ ଧାରା ୨୫(୧) ଓ (୫) ଅନୁଯାୟୀ ଜଣେ ନିର୍ବାଚନରେ ପ୍ରାର୍ଥିପତ୍ର ଦାଖଲ କରିବା ନିମନ୍ତେ ୨ଟି ସନ୍ତାନରୁ କମ୍ ପିତା କିମ୍ବା ମାତା ଥିବା ଆବଶ୍ୟକ । ଗତ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମାର୍ଲାଙ୍ଗ ପଞ୍ଚାୟତ ନିମନ୍ତେ ଅଶୋକ ମୁଠାମାଝି ୨ ସନ୍ତାନ କହି ସତ୍ୟପାଠ ଦାଖଲ କରିଥିଲେ ଏବଂ ନିର୍ବାଚନରେ ସରପଞ୍ଚ ଭାବେ ବିଜୟ ମଧ୍ୟ ହୋଇଥିଲେ । ବର୍ତ୍ତମାନ ମାର୍ଲାଙ୍ଗ ସରପଞ୍ଚଙ୍କ ୨ ସନ୍ତାନ ଥିବା ସତ୍ୟପାଠକୁ ମିଥ୍ୟା କହି ପଞ୍ଚାୟତବାସୀ ତାଙ୍କ ନାମରେ କନ୍ଧମାଳ ଜିଲ୍ଲା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସରପଞ୍ଚଙ୍କ ୨ ପରିବର୍ତ୍ତେ ୪ ସନ୍ତାନ ଥିବା କହିଛନ୍ତି ଅଭିଯୋଗକାରୀ । ଗ୍ରାମବାସୀ କୋର୍ଟର ଦ୍ୱାରସ୍ଥ ହେବା ପରେ ଆଡଭୋକେଟ କୂଳକାନ୍ତ ଦଣ୍ଡସେନା ଏକ ପିଟିସନ ଜିଲ୍ଲା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦେଇଥିଲେ । ତପରେ ଜିଲ୍ଲା କାର୍ଯ୍ୟ ନିର୍ବାହୀ ଅଧିକାରୀ କୋଟଗଡ଼ ବିଡିଓଙ୍କୁ ଏହାର ତଦନ୍ତ କରିବାକୁ ଜୁନ ୩୦ରେ ଏକ ଚିଠି ମାଧ୍ୟମରେ ଜଣାଇଥିଲେ । ଅଶୋକ ମୁଠାମାଝିଙ୍କ ରାସନ କାର୍ଡରେ ୪ ସନ୍ତାନ ଉଲ୍ଲେଖ ଥିବା ଜଣାପଡ଼ିଛି । ତୁରନ୍ତ ସରପଞ୍ଚ ପଦରୁ ତାଙ୍କୁ ବହିଷ୍କାର କରିବାକୁ ଅଞ୍ଚଳର ମନ ପଟ୍ଟମାଝି , ଜଗଦୀଶ ବେହେରା ମାଝୀ, ବୀରବର ଉଠାଣସିଂ , ଲୁସିଆନ ବଳିଆର ସିଂ ଓ ଧିରେନ ବଳିଆରସିଂ ଦାବି ରଖିଛନ୍ତି ।

# ପେନ୍‌ସନ ନିମନ୍ତେ ଆବଶ୍ୟକ କାର୍ଯ୍ୟ କରିବାକୁ ଚିଠି

**ସେକ୍ସନ ଅଫିସର ଓ ଡିଲିଂ ଆସିଷ୍ଟାଣ୍ଟଙ୍କ ଦରମା ବନ୍ଦ ନିର୍ଦ୍ଦେଶ**

ଛତ୍ରପୁର,୨୦।୮ (ସମିସ): ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରୁ ଅବସର ନେଇଥିବା ଫାର୍ମାସିଷ୍ଟ ନବୀନ ମହାପାତ୍ର ଓ ସୁଇପର ଗଜେନ୍ଦ୍ର ନାହାକଙ୍କ ପେନ୍‌ସନ ମାମଲାର ସୁବିଧା କରିବା ପାଇଁ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ । ଏନେଇ ଅଗଷ୍ଟ ୧୯ ଦିନ ୪୩୦୪ନଂ ଚିଠି ମାଧ୍ୟମରେ ବିଭିନ୍ନ ବିଷୟରେ ଉଲ୍ଲେଖ କରିଛନ୍ତି । ଆସନ୍ତା ୧୫ ଦିନ ମଧ୍ୟରେ ଏହି ମାମଲାର ଫଇସଲା କରିବାକୁ ସେ କହିଛନ୍ତି । ସେ ପର୍ଯ୍ୟନ୍ତ ସିଡ଼ିଏମଓଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର ଏବଂ ଡିଲିଂ ଆସିଷ୍ଟାଣ୍ଟଙ୍କ ଦରମା ବନ୍ଦ କରାଯିବ ବୋଲି ଚିଠି ମାଧ୍ୟମରେ କୁହାଯାଇଛି ।

ସୂଚନା ଥାଉ କି, ବାରମ୍ବାର ନିର୍ଦ୍ଦେଶ ଜାରି କରାଯିବା ସତ୍ତ୍ୱେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ମାମଲାଗୁଡ଼ିକର ସମୟାନୁବର୍ତ୍ତୀ ପ୍ରକ୍ରିୟାକରଣ ସମ୍ପର୍କରେ ସିଡ଼ିଏମଓଙ୍କ କାର୍ଯ୍ୟାଳୟରୁ କୌଣସି ସ୍ପଷ୍ଟ ଅଗ୍ରଗତି ହୋଇନାହିଁ । ଯେତେବେଳେ ସରକାର କହୁଛନ୍ତି ଯେ ଜଣେ କର୍ମଚାରୀଙ୍କ ଅବସର ଗ୍ରହଣ ଦିନ ହିଁ ପେନସନ ସୁବିଧା ସମାଧାନ କରାଯିବା ଉଚିତ । ଏହାକୁ ସଠିକ ଭାବେ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅବସରପ୍ରାପ୍ତ ଫାର୍ମାସିଷ୍ଟ ନବୀନ ମହାପାତ୍ର ଏବଂ ସୁଇପର ଗଜେନ୍ଦ୍ର ନାହାକଙ୍କ ପେନସନ ମାମଲା ଗୁଡ଼ିକୁ ପ୍ରକ୍ରିୟାକରଣ କରିବାରେ ବିଫଳ ହୋଇଛି । ଫଳରେ ସମ୍ପୃକ୍ତ ଅବସରପ୍ରାପ୍ତ ବ୍ୟକ୍ତିଙ୍କୁ ଅଯଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଉପରୋକ୍ତ ତ୍ରୁଟିକୁ ଦୃଷ୍ଟିରେ ରଖି, ଆସନ୍ତା ୧୫ ଦିନ ମଧ୍ୟରେ ସମ୍ପୃକ୍ତଙ୍କ ପେନସନ ସୁବିଧା ବଣ୍ଟନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଏପରି ମାମଲା ଗୁଡିକ ବିଭିନ୍ନ ସିଏଚସିରେ ଦେଖିବାକୁ ମିଳୁଛି ଏହାର ସଠିକ ତଦନ୍ତ କରିବା ନିମନ୍ତେ ଦାବି ହୋଇଛି ।

# ଭାରସାମ୍ୟ ହରାଇ ଚାଷଜମିକୁ ଖସିପଡିଲା କାର

ପାରଳାଖେମୁଣ୍ଡି,୨୦।୮ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନାଠାରୁ ମାତ୍ର ୩ କିମି ଦୂରରେ ଏକ କାର ଚାଷଜମିକୁ ଭାରସାମ୍ୟ ହରାଇ ଖସିପଡିଥିଲା । ଉକ୍ତ କାରରେ ତିନିଜଣ ବ୍ୟକ୍ତି ରହିଥିବା ବେଳେ କାର୍ ଛାଡି ସେମାନେ ଫେରାର ହୋଇଯାଇଥିବା ଜଣାପଡିଛି । କାର ଆଙ୍କୁଡିରୁ ଗୁରାଣ୍ଡି ମଧ୍ୟ ସଡକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ଘଟିବା ପରେ କାରରେ ଥିବା ତିନି ଜଣ ଅଜଣା ବ୍ୟକ୍ତି କିଏ, କେଉଁଆଡେ ଗଲେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା କଣ ଅଛି କୌଣସି ସୂଚନା ପୁଲିସ୍ ପାଖରେ ନଥିବା ବେଳେ ଅଳ୍ପକେ ତିନି ଜଣ ବ୍ୟକ୍ତି ବଞ୍ଚିଯାଇଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି । ଅତ୍ୟାଧିକ ମଦ୍ୟପାନ କରି ଦ୍ରୁତଗତିରେ କାର ଚଲାଉଥିବାରୁ ଏଭଳି ଏକ ଘଟଣା ଘଟିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ପୁଲିସ୍ ଫେରାର ତିନିଜଣଙ୍କୁ ଖୋଜୁଥିବା ବେଳେ ଖବର ସଂଗ୍ରହ ଶେଷ ସୁଦ୍ଧା ସେମାନଙ୍କ ସନ୍ଧାନ ମିଳିନଥିବା ଜଣାପଡିଛି ।

ଜଗନ୍ନାଥପ୍ରସାଦ ବ୍ଲକ ଉପାଧ୍ୟକ୍ଷ ନିର୍ବାଚନ

# ବାଜି ମାରିଲେ ନୀଳାଞ୍ଚଳ ଖିଲାର



ଜଗନ୍ନାଥପ୍ରସାଦ,୨୦।୮ (ସମିସ): କ୍ଷେତମୁଣ୍ଡାଳି ସମିତିସଭ୍ୟ ନୀଳାଞ୍ଚଳ ଖିଲାର ହେଲେ ଜଗନ୍ନାଥପ୍ରସାଦ ବ୍ଲକ ଉପାଧ୍ୟକ୍ଷ । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରାଉତି ପଞ୍ଚାୟତ ସମିତିସଭ୍ୟା ପଙ୍କଜ କୁମାରୀ ପ୍ରଧାନଙ୍କୁ ୧୦ଟି ସମିତି ସଭ୍ୟ/ସଭ୍ୟା ଭୋଟ ଦେଇଥିବା ବେଳେ ବିଜୟୀ ନୀଳାଞ୍ଚଳଙ୍କୁ ୧୫ଗୋଟି ସମିତି ସଭ୍ୟ/ସଭ୍ୟା ଭୋଟ ଦେଇଛନ୍ତି । ରାଜ୍ୟ ନିର୍ବାଚନ କମିସନଙ୍କ ଚିଠି ପ୍ରକାରେ ବୁଧବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ନିର୍ବାଚନ ହୋଇଥିଲା । ନିର୍ବାଚନ ଅଧିକାରୀ ଭାବେ ବୁଗୁଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦ୍ୱିତୀକୃଷ୍ଣ ପାତ୍ର ଦାୟିତ୍ୱ ତୁଲାଇଥିବା ବେଳେ ତହସିଲଦାର ଅଶୋକ କୁମାର ମୁଦୁଲି ମାଜିଷ୍ଟ୍ରେଟ ଦାୟିତ୍ୱ ବହନ କରିଥିଲେ । ଅନ୍ୟପକ୍ଷରେ ଜଗନ୍ନାଥ ପ୍ରସାଦ ବିଡ଼ିଓ ମନ୍ମଥ ନାଥ ମଲ୍ଲିକ ଓ ବ୍ଲକ ଜିପିଡିଓ ନାଥୁରାମ ନାୟକ ସହଯୋଗ କରିଥିଲେ । ସୂଚନାଥାଉକି ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରଞ୍ଜିତ କୁମାର ପାତ୍ର ଇସ୍ତଫା ଦେବା ପରେ ଏହି ପଦବୀ ଦୀର୍ଘ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ଖାଲି ପଡିଥିଲା ।

ବାଲିଗୁଡ଼ା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଇଂରେଜ ଶାସନ

# ପାଇଖାନା ସଫା କରିବାକୁ ବାଧ୍ୟ କରି ଛାତ୍ରୀଙ୍କୁ ମାଡ ଅଭିଯୋଗ



ବାଲିଗୁଡ଼ା,୨୦।୮ (ସମିସ): ବାଲିଗୁଡ଼ା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଇଂରେଜ ଶାସନ ଦେଖିବାକୁ ମିଳିଛି । ପାଇଖାନା ସଫାକରିବାକୁ ବାଧ୍ୟ ସହ ପ୍ରଧାନଶିକ୍ଷୟିତ୍ରୀ ଅମିତା ସ୍ମିତା ନାୟକ ଛାତ୍ରୀଙ୍କୁ ମାଡ଼ ମାରିଥିବା ବୁଧବାର ସକାଳେ ଅଭିଯୋଗ କରିଛନ୍ତି ଅଭିଭାବକ ।

ସୂଚନା ଅନୁସାରେ ମଙ୍ଗଳବାର ଦିନ ସପ୍ତମ ଶ୍ରେଣୀର ୧୦ ରୁ ୧୨ ଛାତ୍ରୀଙ୍କୁ ଅପରାହ୍ନ ୪ଟାରେ ପ୍ରଧାନ ଶିକ୍ଷୟିତ୍ରୀ ଡାକି ସେମାନଙ୍କୁ ୪ ଟାରୁ ସାଢ଼େ ପାଞ୍ଚଟା ପର୍ଯ୍ୟନ୍ତ ପାଇଖାନା ସଫା କରାଇଥିଲେ ଏବଂ ବାରଣ କରିବାରୁ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ଆଣିଛନ୍ତି ପିଲାଙ୍କ ପରିବାରବର୍ଗ । ଏ ବିଷୟରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ପଚାରିବାକୁ ଯାଇଥିବା ବେଳେ ସ୍କୁଲ ପରିସରକୁ ଯିବା ପାଇଁ ଅନୁମତି ଦେଇନଥିଲେ । ଏଥିସହ କ୍ୟାମେରା ଆଗରେ କିଛି କହିପାରିବିନି ବୋଲି ସିଧାସଳଖ ମନା କରିଦେଇଥିଲେ ପ୍ରଧାନଶିକ୍ଷୟିତ୍ରୀ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ଏ ବିଷୟରେ ତଦନ୍ତ କରାଯିବ ବୋଲି କହିଛନ୍ତି । ୧୭ ବର୍ଷ ହେବ ପ୍ରଧାନଶିକ୍ଷୟତ୍ରୀ ଅମିତା ସ୍ମିତା ନାୟକ ଗୋଟିଏ ସ୍କୁଲରେ ରହି ସ୍ୱେଚ୍ଛାଚାର ଶାସନ କରୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି ।

# ଜିଲ୍ଲାସ୍ତରୀୟ ପରିଚାଳନା କମିଟି ବୈଠକ



ଛତ୍ରପୁର,୨୦।୮ (ସମିସ): ଗଞ୍ଜାମ ଜିଲ୍ଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପରିଚାଳନା କମିଟି ବୈଠକ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଡିଜିଟାଲ ଫସଲ ସର୍ଭେ, ସୁଗନ୍ଧ ଓ ଅଣ ସୁଗନ୍ଧ ଯୁକ୍ତ ସ୍ୱଦେଶୀ ଧାନ ଚାଷ ପାଇଁ ପ୍ରୋତ୍ସାହନ ଏବଂ ଫସଲ ବିବିଧ କରଣ ଯୋଜନା ଇତ୍ୟାଦିର କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଥିଲା । ଚଳିତବର୍ଷ ସୁଗନ୍ଧ ଯୁକ୍ତ ଧାନ ଗଞ୍ଜାମ ଜିଲ୍ଲାରେ ୧୦ଟି ବ୍ଲକରେ ୨ହଜାର ହେକ୍ଟର ଜମିରେ କରିବା ପାଇଁ ପ୍ରୋତ୍ସାହନ ଦିଆଯାଇଛି । ବୈଠକରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦେବଦତ୍ତ ପଣ୍ଡା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଜୟ କୁମାର କର, ଉପ ନିର୍ଦ୍ଦେଶକ(ଉଦ୍ୟାନ) କନ୍ଧ ଜେନା, ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ମୁଖ୍ୟ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଶିଶୁ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ

ରମ୍ଭା,୨୦।୮ (ସମିସ): ସନ୍ତୋଷପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ପରିସରରେ ସରପଞ୍ଚ କବିତା ସାହୁଙ୍କ ଦ୍ୱାରା ଉଦଘାଟିତ ଜନ୍ମାଷ୍ଟମୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଗୋକୁଳାନନ୍ଦ ନାହାକ ଉପସ୍ଥିତ ରହି ଭାରତୀୟ ସଂସ୍କୃତିରେ- ଶ୍ରୀକୃଷ୍ଣଙ୍କ ଚରିତ୍ର ସମ୍ପର୍କରେ ଅବଗତ କରିବା ସହ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ପ୍ରତିଷ୍ଠାତା ବଟକୃଷ୍ଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ଉପ ପ୍ରଧାନ ଆଚାର୍ଯ୍ୟା ଅପରାଜିତା ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ

ପୋଲସରା,୨୦।୮ (ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ଗୋଠଲୀ ଗ୍ରାମରେ ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୋଲସରା ଜଗନ୍ନାଥ ଚେତନା ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧ୍ୟକ୍ଷ ପଣ୍ଡିତ ସୁବ୍ରତ କୁମାର ତ୍ରିପାଠୀ ଯୋଦଦେଇ ଜଗନ୍ନାଥଙ୍କ ଚେତନା ସମ୍ପର୍କରେ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ । ଟ୍ରଷ୍ଟର ସଂପାଦକ ରବିନାରାୟଣ ପୃଷ୍ଟି, ଯଜ୍ଞନାରାୟଣ ସାହୁ, ଟୁକୁନା ପରିଡ଼ା ପ୍ରମୁଖ ଯୋଗଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ ।

# ବେସରକାରୀ ଅଧ୍ୟାପକଙ୍କ ଆନ୍ଦୋଳନ



ସାନଖେମୁଣ୍ଡି,୨୦।୮ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ସାନଖେମୁଣ୍ଡି ଅଞ୍ଚଳର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୋଡ଼ାମାରୀର ଅଧ୍ୟାପକ ଓ କର୍ମଚାରୀମାନେ ୧୯ ତାରିଖ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ଗତ ୨୦୦୮ -୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀ ମାନେ ସାମିଲ ହୋଇଛନ୍ତି ଏବଂ ସେମାନଙ୍କୁ ସରକାରୀ ଅନୁଦାନରୁ ବଞ୍ଚିତ ନକରିବାକୁ ଦାବି କରିଛନ୍ତି । ଏନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନିଜ ନିଜର କଲେଜ ଅଧ୍ୟକ୍ଷଙ୍କୁ ପ୍ରଦାନ କରିବା ସହ ଶିକ୍ଷାନୁଷ୍ଠାନର ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଛନ୍ତି ।

# ପରିବହନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର,୨୦।୮ (ସମିସ): ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ଭାବେ ଇଂ ଦେବାଶିଷ ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପୂର୍ବରୁ ଢେଙ୍କାନାଳ ଏମ୍‌ଭିଆଇ ଭାବେ ଦାୟିତ୍ୱ ତୁଲାଇଆସୁଥିଲେ । ଏବେ ତାଙ୍କର ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ଭାବେ ପଦୋନ୍ନତି ହୋଇଛି । ସେହିପରି ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ଭାବେ ପୂର୍ବରୁ ଦାୟିତ୍ୱରେ ଥିବା ମାନସ ରଞ୍ଜନ ସାହୁଙ୍କର କେନ୍ଦୁଝର ଜିଲ୍ଲାକୁ ବଦଳି ହୋଇଛି । ଗଞ୍ଜାମ ଜିଲ୍ଲାରେ ଦୁର୍ଘଟଣା ଯେମିତି ରୋକିବା ସହିତ ଲୋକଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ଅଧିକ କରିବା ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ଏହା ସହ ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଯେପରି ସଠିକ ରୂପେ ପରିଚାଳନା କରାଯିବ ସେ ଦିଗରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି ।

ଶୁଣୁ ନାହାନ୍ତି ବ୍ଲକ ଅଧ୍ୟକ୍ଷା, ବିଡିଓ ଓ ଯନ୍ତ୍ରୀ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ନିର୍ବାଚିତ ପ୍ରତିନିଧି

ପାରଳାଖେମୁଣ୍ଡି,୨୦।୮ (ସମିସ)



ଗଜପତି ଜିଲ୍ଲା କାଶୀନଗର ବ୍ଲକର ବହୁ ସରପଞ୍ଚ ଓ ସମିତିସଭ୍ୟ ବ୍ଲକ ଅଧ୍ୟକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମୁଖ୍ୟକରି ଜିଆଇଏ ଓ କେଓଜିବିୱାଇ ଯୋଜନାରେ ହୋଇଥିବା କାର୍ଯ୍ୟ ବିରୋଧରେ ଜିଲ୍ଲାପାଳ ମଧୁମିତାଙ୍କୁ ଭେଟି ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । କାଶୀନଗର ବ୍ଲକରେ ସରକାରୀ ଯୋଜନାରେ ହେଉଥିବା ଉନ୍ନୟନମୂଳକ କାମରେ ବ୍ୟାପକ ଅନିୟମିତା ହେଉଛି । ବ୍ଲକ ଅଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସହକାରୀ ନିର୍ବାହୀଯନ୍ତ୍ରୀ ସରପଞ୍ଚ ଏବଂ ସମିତିସଭ୍ୟଙ୍କ ବିନା ପରାମର୍ଶରେ ପ୍ରକଳ୍ପ ପ୍ରସ୍ତୁତିରୁ ଆରମ୍ଭ କରି ନିର୍ମାଣ ପର୍ଯ୍ୟନ୍ତ ଓ ତୃଣମୂଳସ୍ତରରେ ଯୋଜନା କରୁଛନ୍ତି । ସରପଞ୍ଚ ଓ ସମିତିସଭ୍ୟ ଦେଉଥିବା ପ୍ରକଳ୍ପ ପ୍ରସ୍ତାବ ଗୁଡିକୁ କାର୍ଯ୍ୟକାରୀ କରିବା ଦୂରର କଥା ତାଲିକାରେ ମଧ୍ୟ ରଖୁନାହାନ୍ତି । ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଉଲ୍ଲେଖ ରହିଥିବା ମାର୍ଗଦର୍ଶିକା ନିୟମାବଳୀର ଖୋଲାଖୋଲି ଉଲ୍ଲଂଘନ କରି ନିର୍ବାଚିତ ପ୍ରତିନିଧିଙ୍କୁ କୋଣଠେସା ଭଳି କାର୍ଯ୍ୟକଳାପ ଜାରି ରଖିଛନ୍ତି ବୋଲି ଅଭିଯୋଗ କରିଛନ୍ତି । ତେଣୁ ଅଭିଯୋଗର ତଦନ୍ତ ସହ ଚାଲୁ ରହିଥିବା ପ୍ରଶାସନିକ କାର୍ଯ୍ୟଶୈଳୀକୁ କାଶୀନଗର ବ୍ଲକରେ ତଦନ୍ତ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

# ପୂର୍ବତନ ରାଜ୍ୟ ସଭା ସାଂସଦଙ୍କ ଶ୍ରାଦ୍ଧ ଦିବସ

ଛତ୍ରପୁର,୨୦।୮ (ସମିସ): ପୂର୍ବତନ ରାଜ୍ୟ ସଭା ସାଂସଦ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଲକ୍ଷ୍ମଣ ମହାପାତ୍ରଙ୍କ ୪୨ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ସିପିଆଇ ପକ୍ଷରୁ ନବୀନ ଚନ୍ଦ୍ର ମହାନ୍ତିଙ୍କ ପୌରହିତ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ହାଇଦ୍ରାବାଦର ଏଆଇଟିୟୁସି ନେତା ରାମା ରାଓ, ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ସିପିଆଇ ଜିଲ୍ଲା ସହ-ସମ୍ପାଦକ ନୀଳକଣ୍ଠ ଦାଶ, ଛତ୍ରପୁର ଜୋନାଲ ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀ, ନାରୀନେତ୍ରୀ ଏନ. ଭାନୁମତି ରେଡ୍ଡୀ, ଜିଲ୍ଲା ନେତା ସିଏଚ ଜନାର୍ଦ୍ଦନ ରେଡ୍ଡୀ, ଚମାଖଣ୍ଡି ସହ-ସମ୍ପାଦକ ଗୁରୁନାଥ ପ୍ରଧାନ, ଏସ. କ୍ରିଷ୍ଣା ରେଡ୍ଡୀ, ରାଜୀବ ଲୋଚନ ପଣ୍ଡା, ଆଇନଜୀବୀ ଆଦିତ୍ୟ ମିଶ୍ର, ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ମଥୁରା ଚରଣ ସୁବୁଦ୍ଧି, ଏନ. ମୁନା ପାତ୍ର ଓ ମାଗୁଣି ବିଶୋୟୀଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଯୋଗଦେଇ ସ୍ୱର୍ଗତ ଲକ୍ଷ୍ମଣ ମହାପାତ୍ରଙ୍କ ଗୁଣଗାନ କରିଥିଲେ ।

# ଆସ ସ୍କୁଲ ଯିବା ଅଭିଯାନ

ଧରାକୋଟ,୨୦।୮ (ସମିସ): ଧରାକୋଟ ବ୍ଲକର ଗଡଦାମୋଦର ପଲି ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ତରଫରୁ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି କରି ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀ, ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନଥିବା ଓ ବିଦ୍ୟାଳୟ ବାହାରେ ରହୁଥିବା ଛାତ୍ରଛାତ୍ରୀ ମାନଙ୍କ ଲାଗି ଆସ ସ୍କୁଲ ଯିବା ଅଭିଯାନ ଆରମ୍ଭ କରାଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଛାୟା ଦେବୀ, ଶିକ୍ଷକ ପ୍ରଫୁଲ୍ଲ ବେହେରା, ନିରଞ୍ଜନ ପଟ୍ଟନାୟକ, ଦୀପ୍ତି ନାୟକ ଓ ନମିତା ଦାସଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନ ପଦଯାତ୍ରା ଗ୍ରାମ ପରିକ୍ରମା କରିଥିଲା ।



